# ଚାଲିଛି ମୂର୍ତ୍ତି ନିର୍ମାଣ, ସଜେଇହେଉଛି ମଣ୍ଡପ



**ଆସୁଛନ୍ତି ମା'**

- କାଏମା ଦୁର୍ଗାପୂଜାକୁ ୧୫୦ ବର୍ଷ ଟପିଲାଣି
- ଜାରକାଠାରେ ୫୭ ବର୍ଷ ଧରି ଚାଲିଛି ପୂଜା





ଜାରକା ଏବଂ କାଏମାରେ ମା' ଦୁର୍ଗାଙ୍କ ମୂର୍ତ୍ତି ତିଆରି ଚାଲିଛି।

**କାଏମା,୨।୧୦(ଶିବପ୍ରସାଦ ମହାନ୍ତି):**

ଦୁର୍ଗାପୂଜା ପାଇଁ ଗାଁଠୁ ସହର ସଜେଇ ହେଉଛି। ପୂଜା ମଣ୍ଡପରେ ମୂର୍ତ୍ତି ନିର୍ମାଣ ଚାଲିଛି। ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅଞ୍ଚଳରେ ଜୋର୍‌ଦାର ପୂଜା ପ୍ରସ୍ତୁତି ଆରମ୍ଭ ହୋଇଛି। ଜାରକା ଓ ବଡ଼କାଏମାରେ ପୂଜା ଧୁମଧାମରେ ପାଳନ କରାଯାଏ। ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଜାରକା ଦୁର୍ଗା ମଣ୍ଡପ ରହିଛି। ଏହି ମଣ୍ଡପରେ ମୂର୍ତ୍ତି କାରିଗରମାନେ କାର୍ଯ୍ୟ ଶେଷ କରିବା ପାଇଁ ଲାଗି ପଡ଼ିଛନ୍ତି। କମିଟି ପକ୍ଷରୁ ମଧ୍ୟ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଜାରକାଠାରେ ୫୭ ବର୍ଷ ଧରି ଦୁର୍ଗାପୂଜା ପାଳିତ ହୋଇ ଆସୁଥିବାବେଳେ ୫୪ ବର୍ଷ ହେବ ପୂଜା କମିଟି ଗଠନ କରାଯାଇଛି। ପ୍ରଥମେ ସ୍ଥାନୀୟ ଲୋକେ ଓ କେତେଜଣ ବ୍ୟବସାୟୀଙ୍କ ଉଦ୍ୟମରେ ପୂଜା ଆରମ୍ଭ ହୋଇଥିଲା। ମାତ୍ର ଏକ ହଜାର ଟଙ୍କାରୁ ପୂଜା ଆରମ୍ଭ ହୋଇ ବର୍ତ୍ତମାନ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚରେ ପହଞ୍ଚିଲାଣି। ପୂଜା ଦେଖିବା ପାଇଁ ପାଖଆଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ। ଏଠାରେ ପୂଜା ସହ ମେଲୋଡି ଓ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି।

ସେହିପରି ବଡ଼କାଏମାର ସେରପୁରଠାରେ ମଧ୍ୟ ଶାରଦୀୟ ଦୁର୍ଗାପୂଜାକୁ ବେଶ ଧୁମଧାମରେ ପାଳନ କରାଯାଇଥାଏ। ୧୫୦ବର୍ଷରୁ ଅଧିକ ବର୍ଷ ହେବ ଏହି ଗ୍ରାମରେ ପୂଜା କରାଯାଉଛି। ମା'ଦୁର୍ଗା ଏଠାରେ ମୃଣ୍ମୟୀ ରୂପରେ ପୂଜା ପାଇଥାନ୍ତି। ୫ଦିନ ଧରି ଏହି ଶାରଦୀୟ ପୂଜାକୁ ବେଶ ଆନନ୍ଦ ଉଲ୍ଲାସ ସହ ପାଳନ କରାଯାଇଥାଏ। ପୀଠର ମୁଖ୍ୟତଃ ଚଣ୍ଡୀପାଠ କରାଯାଇଥାଏ। ତେଣୁ ଶାସ୍ତ୍ର ବିଧି ଅନୁସାରେ ଅନେକ ପ୍ରକାର ନୀତିକାନ୍ତି ମାନି ପୂଜା କରିଥାନ୍ତି ପୂଜକ। ନିକଟ କେଲୁଅନଦୀରୁ ଜଳଅଣାଯାଇ ବେଲଗଛ ମୂଳେ ଷଷ୍ଠୀ ପୂଜା କରାଯାଇ ମା'ଙ୍କୁ ମଣ୍ଡପକୁ ଆବାହନ କରି ଚକ୍ଷୁଦାନ କରାଯାଏ। ଏହାପରେ ନିତିକାନ୍ତି ଅନୁସାରେ ପରଦିନ ଭୋରୁ ଗ୍ରାମର ପୁରୁଷମହିଳା ଏକ ଶୋଭାଯାତ୍ରା କରି ସେହି ନଦୀରୁ ଜଳ ଆଣିବା ପରେ ସପ୍ତମୀ ପୂଜା କରାଯାଏ। ଅଷ୍ଟମୀ ଦିନ ମା'ଙ୍କ ମୁଖ୍ୟ ସନ୍ଧିପୂଜା କରାଯାଏ। ପାଞ୍ଜି ସମୟ ଅନୁଯାୟୀ ପୀଠରେ ବଳିପୂଜା କରାଯାଇ ମା'ଙ୍କ ପାଖରେ ଲାଉ, ପାଣିକଖାରୁ ବଳି ଦିଆଯାଏ। ଏହି ଦିନ ଶହଶହ ଶ୍ରଦ୍ଧାଳୁ ଉପବାସ ରହିଥାନ୍ତି। ନବମୀ ଦିନ ମଣ୍ଡପରେ ଭକ୍ତଙ୍କ ପାଇଁ ପ୍ରାସାଦ ସେବନ ବ୍ୟବସ୍ଥା ରହିଥାଏ। ଦଶହରା ଓ ଭସାଣି ମଧ୍ୟ ଧୁମଧାମରେ ପାଳନ କରାଯାଏ। ଏଥିପାଇଁ ବହୁ ଆଗରୁ ବୈଠକ କରାଯାଇ ପୂଜାକୁ କିପରି ଶାନ୍ତିଶୃଙ୍ଖଳାର ସହ ଧୁମଧାମରେ ପାଳନ କରାଯିବ ସେ ବିଷୟରେ ନିଷ୍ପତ୍ତି ନିଆଯାଇଥାଏ। ଚଳିତବର୍ଷ ଏଠାରେ ନୂଆ ରୂପରେ ପୂଜାହେବ। ପ୍ରତିବର୍ଷ ମା' ଦୁର୍ଗାଙ୍କ ମଣ୍ଡପ ତଳେ କରାଯାଉଥିବା ବେଳେ ଚଳିତ ବର୍ଷ ନୂତନ ମଣ୍ଡପ ନିର୍ମାଣ କରାଯାଇଛି। ଏଥର ଛାତ ଉପରେ ନିର୍ମାଣ କରାଯାଇଥିବା ମଣ୍ଡପରେ ମା' ପୂଜା ପାଇବେ। ସେଥିପାଇଁ ମଣ୍ଡପ ଉପରଠାରୁ ତଳ ପର୍ଯ୍ୟନ୍ତ କାର୍ଯ୍ୟ ଜୋରଦାର ଚାଲିଛି।

# ଅପରାଧ ପାଇଁ ଅସ୍ତ୍ର ଯୋଗାଇଥିବା ଯୁବକ ଗିରଫ

**ପ୍ରତାପ ସାହୁ ଅପହରଣ, ହତ୍ୟା ଘଟଣା**

**ମାର୍ଶାଘାଇ,୨।୧୦(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ):**



ଗିରଫ ବାବିନା ମଲିକ

ବହୁ ଚର୍ଚ୍ଚିତ ମାର୍ଶାଘାଇ ଥାନା ଅନ୍ତର୍ଗତ ଭଗବାନପୁର ଗ୍ରାମର ବିଭୁ ଓରଫ ପ୍ରତାପ ସାହୁ ଅପହରଣ ଓ ହତ୍ୟା ଘଟଣାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ମାର୍ଶାଘାଇ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଜଣକ ହେଲେ ମାର୍ଶାଘାଇ ଥାନା ଅନ୍ତର୍ଗତ ଡୁମୁକା ଗ୍ରାମର ପାଗିଜା ଓରଫ ବାବିନା ମଲିକ। ପୋଲିସର ସୂଚନା ଅନୁଯାୟୀ, ଗତବର୍ଷ ମେ ୩୧ ତାରିଖ ସନ୍ଧ୍ୟାରେ ଘଟିଥିବା ବିଭୁ ଓରଫ ପ୍ରତାପ ସାହୁ ଅପହରଣ ଓ ହତ୍ୟା ଘଟଣା ପାଇଁ ଅପରାଧୀମାନଙ୍କୁ ବାବିନା ଅସ୍ତ୍ରଶସ୍ତ୍ର ଯୋଗାଇ ଥିଲେ । ଘଟଣା ଦିନଠାରୁ ସେ ଫେରାର ଥିଲେ । ମୃତକଙ୍କ ସ୍ତ୍ରୀ ସୌଦାମିନୀ ସାହୁଙ୍କ ଅଭିଯୋଗ ଆଧାରରେ ତାଙ୍କ ବିରୋଧରେ ଏକ ମାମଲା(ନଂ.୩୩୬/୨୩) ରୁଜୁ ହୋଇଥିଲା ବୋଲି ତଦନ୍ତକାରୀ ଅଧିକାରିଣୀ ପ୍ରଜ୍ଞା ପାରମିତା ଜେନା ସୂଚନା ଦେଇଛନ୍ତି ।

# ଗୋରୁ ଚାଲାଣ ହେଉଥିବା ଗାଡ଼ି ଅଟକ

**ପଟ୍ଟାମୁଣ୍ଡାଇ,୨।୧୦(କଳ୍ପତରୁ ନାୟକ):**

ଚାଲାଣକାରୀମାନେ ଅତି ଅମାନୁଷିକ ଭାବେ ଗୋରୁଙ୍କୁ ଗାଡ଼ିରେ ବୋଝେଇ କରି ରାଜ୍ୟ ବାହାରକୁ ପଠାଉଛନ୍ତି । ମଙ୍ଗଳବାର ବିଳମ୍ବିତ ରାତିରେ କେନ୍ଦ୍ରାପଡ଼ା ବଜରଙ୍ଗ ଦଳ କାର୍ଯ୍ୟକର୍ତ୍ତାମାନେ କୌଣସି ସୂତ୍ରରୁ ସୂଚନା ପାଇ ପଟ୍ଟାମୁଣ୍ଡାଇ ବାଇପାସ୍ ନିକଟରୁ ଏପରି ଏକ ଗୋରୁ ବୋଝେଇ ଗାଡ଼ିକୁ ଅଟକାଇ ପୋଲିସ ଜିମା ଦେଇଛନ୍ତି। ଏଥି ସହିତ ବେପାରୀଙ୍କୁ ବି ପୋଲିସକୁ ହସ୍ତାନ୍ତର କରାଯାଇଛି। ବଜରଙ୍ଗ ଦଳର ପକ୍ଷରୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଏ ସଂକ୍ରାନ୍ତରେ ଅଭିଯୋଗ କରାଯାଇଛି । ଅନ୍ୟପକ୍ଷେ ଗୋରୁ ବେପାରୀ ପୋଲିସ ନିକଟରେ ସମସ୍ତ କାଗଜ ପତ୍ର ଦାଖଲ କରିଛନ୍ତି । ତାଙ୍କ ଗାଡ଼ିକୁ ବଜରଙ୍ଗ ଦଳର କର୍ମକର୍ତ୍ତା ଭାଙ୍ଗି ଦେଇଥିବା ନେଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ଅଭିଯୋଗ କରାଯାଇଛି।। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପକ୍ଷରୁ ଦୁଇଟି ମାମଲା(ନଂ.୨୮୭/୨୦୨୪ ଓ ୨୮୮/୨୦୨୪) ରୁଜୁ ହୋଇଛି। ଜବତ ଗାଡ଼ିରେ ଥିବା ୪ ଗାଈ ଓ ୨ବାଛୁରିଙ୍କୁ ପୋଇପାଟ ଗୋଶାଳାରେ ରଖାଯାଇଛି ବୋଲି ଥାନା ଏସ୍‌ଆଇ କୌଶରିକା ରାଉତରାୟ କହିଛନ୍ତି ।

**ସେଲ୍‌ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଲୋକ



@ ମଳୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



# କଟକରୁ ଚୋର ସହ ୨ ବଣିଆ ଗିରଫ







ଜବତ ଚୋରି ସାମଗ୍ରୀ ସହ ଗିରଫ ଅଭିଯୁକ୍ତ।

ନୟାଗଡ଼,୨।୧୦(ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ଥାନା ଦେବୋତ୍ତର କଲୋନୀର ୫ନଂ. ଲେନ ବାସିନ୍ଦା ଗୁଇନ୍ଦା ବିଭାଗର ସମ୍ବଲପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକଙ୍କ ଘରୁ ଚୋରି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ କଟକ ଜିଲା ବୈଦେଶ୍ୱର ଥାନା ଖଜୁରୀପଦା ଗାଁର ମନୋଜ କୁମାର ସିଂ(୪୦) ଓ ଜୟନ୍ତ କୁମାର ପାଣିଗ୍ରାହୀ(୪୬) ଓ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଢ଼ୋଲପାଟଣା ଗାଁର ସଦାଶିବ ସିର୍କେ(୪୩)। ଗୁରୁବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯିବ। ୩ ଅଭିଯୁକ୍ତଙ୍କୁ କଟକରୁ ଗିରଫ କରାଯାଇଥିବାବେଳେ ସେମାନଙ୍କଠାରୁ ୨୮୦ ଗ୍ରାମର ସୁନା ଅଳଙ୍କାର, ୧୬୦ ଗ୍ରାମର ରୁପା ଅଳଙ୍କାର, ଗୋଟିଏ ଟାବ୍‌ଲେଟ, ଗୋଟିଏ ଲାପ୍‌ଟପ, ୩ ହଜାର ଟଙ୍କା, ୩ଟି କମ୍ପ୍ୟୁଟର ହାର୍ଡ ଡିକ୍ସ, ହାତଘଣ୍ଟା, ଓଡି୩୩ ଏପି ୪୬୫୨ ନମ୍ବରର କାର, ୨ ବାଇକ, ଘର ଭାଙ୍ଗିବା ଉପକରଣ ଜବତ କରାଯାଇଛି। ମନୋଜ ଚୋରିର ମାଷ୍ଟରମାଇଁଣ୍ଡ ସହ ଚୋରି କରିବାର ଷ୍ଟ୍ରାଟେଜି କରିଥିଲେ। ଚୋରି ପରେ ଚୋରି ଉପକରଣ ଦୁଇ ବଣିଆଙ୍କୁ ବିକ୍ରି କରିଥିଲେ। ପରିଚୟ ଲୁଚାଇବା ପାଇଁ ମନୋଜ ହେଲମେଟ ପିନ୍ଧି ଚୋରି କରିଥିଲେ। ପୁଣି ତାଲା ପଡିଥିବା ଘର ଓ ସିସିଟିଭି ଲାଗି ନ ଥିବା ଘରକୁ ଟାର୍ଗେଟ କରି ଚୋରି କରୁଥିବା ମନୋଜ ସ୍ୱୀକାର କରିଛି। ଦିନବେଳା ସେ ସବୁବେଳେ ଚୋରି କରନ୍ତି ବୋଲି କହିଛନ୍ତି।

ଗତ ୩୦ ତାରିଖ ମଧ୍ୟାହ୍ନରେ ଦେବୋତ୍ତର କଲୋନୀର ୫ନଂ. ଲେନ ବାସିନ୍ଦା ଗୁଇନ୍ଦା ବିଭାଗର ସମ୍ବଲପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକଙ୍କ ଘରୁ ଚୋରି ହୋଇଥିଲା। ଚୋରି ନେଇ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ପରେ ନୟାଗଡ଼ ଟାଉନ ଥାନା ଆଇଆଇସିଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଚଢ଼ାଉ କରିଥିଲା। ମନୋଜଙ୍କ ନାମରେ ୧୯ଟି ମାମଲା ରହିଛି। ବୈଦେଶ୍ୱର, ଢ଼େଙ୍କାନାଳ, ବରଗଡ, ବିଡାନାସୀ, ମର୍କତନଗର, ସିଡିଏ ୨, ନୟାପଲ୍ଲୀ ଓ ଚନ୍ଦ୍ରଶେଖରପୁର ଥାନାରେ ଉପରୋକ୍ତ ମାମଲା ରହିଛି। ସଦାଶିବଙ୍କ ନାମରେ ୫ ଓ ଜୟନ୍ତଙ୍କ ନାମରେ ଗୋଟିଏ ମାମଲା ରହିଛି। ନୟାଗଡ଼ ଟାଉନ ଥାନା ଅଞ୍ଚଳରେ ୩ଟି ଚୋରି ହୋଇଥିବାବେଳେ ଗତ ସେପ୍ଟେମ୍ବର ୧୫ ତାରିଖରେ ଦେବୋତ୍ତର କଲୋନୀରୁ ଚୋରି ହୋଇଥିଲା। ଏଥିରେ ମୁଖ୍ୟ ଅଭିଯୁକ୍ତ ଓ ତାଙ୍କର ୨ ସହଯୋଗକାରୀ ସମ୍ପୃକ୍ତ ଥିଲେ ବୋଲି ପୋଲିସ ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀ କହିଛି ।

- କାର, ୩ଶହ ଗ୍ରାମ ସୁନା, ୧୫୦ ଗ୍ରାମ ରୁପା ଅଳଙ୍କାର ଜବତ
- ପୋଲିସ ଅଧିକାରୀଙ୍କ ଘରୁ ହୋଇଥିଲା ଚୋରି
- ପରିଚୟ ଲୁଚାଇବା ପାଇଁ ହେଲମେଟ ପିନ୍ଧି କରିଥିଲେ ଚୋରି
- ତାଲା ପଡିଥିବା ଓ ସିସିଟିଭି ଲାଗି ନ ଥିବା ଘରକୁ ଟାର୍ଗେଟ

# ୪ଦିନର ଶିଶୁର ଚିକିତ୍ସାରେ ହଟହଟା

- ସ୍ୱତନ୍ତ୍ର ନବଜାତ ଶିଶୁ ଚିକିତ୍ସା କେନ୍ଦ୍ରରେ ଅବ୍ୟବସ୍ଥା
- ହେଲ୍ପ ଡେସ୍କ ଖାଲିଥିବାବେଳେ ସିକ୍ୟୁରିଟ ଗାର୍ଡ ନ ଥିଲେ
- ୨ ହସ୍ପିଟାଲ ମ୍ୟାନେଜର ଅନୁପସ୍ଥିତ ଥିଲେ
- ଲିଫ୍ଟ କାମ କରୁ ନ ଥିବାରୁ ଭଙ୍ଗା ହୁଇଲ ଚେୟାରରେ ଯିବାକୁ ପରାମର୍ଶ
- ୩ ମହଲାକୁ ଚାଲିଚାଲି ଗଲେ ପ୍ରସୂତି



ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ।

ନୟାଗଡ଼,୨।୧୦(ଲୋକନାଥ ମିଶ୍ର)

ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ସ୍ୱତନ୍ତ୍ର ନବଜାତ ଶିଶୁ ଚିକିତ୍ସା କେନ୍ଦ୍ରର ଗୁମର ଖୋଲିଛି। ଚିକିତ୍ସା ନ ପାଇ ୪ଦିନର ଜଣ୍ଡିସରେ ଆକ୍ରାନ୍ତ ଶିଶୁର ପରିବାର ଲୋକେ ହଟହଟା ହେବା ପରେ ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥା ସାମ୍ନାକୁ ଆସିଛି। ୪ ଦିନର ଶିଶୁ ଚିକିତ୍ସା ପାଇଁ ଏହି ଡାକ୍ତରଖାନାକୁ ଆସିବା ସମୟରେ ଡାକ୍ତରଙ୍କ ଦେଖା ମିଳି ନ ଥିଲା। ଏପରି କି ହେଲ୍ପ ଡେକ୍ସ ଖାଲି ଥିବାର ଦେଖିବାକୁ ମିଳିଥିଲା। ସେହିଭଳି ସିକ୍ୟୁରିଟ୍ ଗାର୍ଡ ମଧ୍ୟ ନ ଥିଲେ। ପୁଣି ଚିକିତ୍ସାଳୟର ୨ଟି ଲିଫ୍ଟ କାମ କରୁ ନ ଥିବାବେଳେ ପ୍ରସୂତିଙ୍କୁ ଭଙ୍ଗା ହୁଇଲ ଚେୟାରରେ ଯିବାକୁ ପରାମର୍ଶ ଦିଆଯାଇଥିଲା। ଏଭଳି ସ୍ଥଳେ ୪ଦିନର ଶିଶୁଙ୍କ ମା'ବାପା ହସ୍ପିଟାଲ ଛାଡି ୧୦୦ ଶର୍ଯ୍ୟା ବିଶିଷ୍ଟ ଚିକିତ୍ସାଳୟକୁ ଯିବାକୁ ପଡିଲା। ସେଠାର ଜରୁରୀକାଳୀନ ଡାକ୍ତର ଆଡିମିଶନ କରିବା ପରେ ପ୍ରସୂତିଙ୍କୁ ୩ ମହଲାକୁ ଚାଲି ଚାଲି ଯିବାକୁ ପଡିଲା। ଘଟଣା ଘଟିବାର ଦେଢ଼ ଘଣ୍ଟା ପରେ ଡାକ୍ତରଙ୍କୁ ଦେଖିବାକୁ ମିଳିଥିଲା। ସିଡିଏମ୍‌ଓ ଓ ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ ବନ୍ଦ ଥିବାବେଳେ ୨ ହସ୍ପିଟାଲ ମ୍ୟାନେଜର ଅନୁପସ୍ଥିତ ଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା।

ଏନେଇ ନୟାଗଡ଼ର ସରୋଜିନୀ ସାହୁ କୁହନ୍ତି, ମୋର ୪ଦିନ ତଳେ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଛି। ପୁଅକୁ ଜଣ୍ଡିସ୍ ହୋଇଥିବା ଜଣପଡିବା ପରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ବୁଧବାର ଅପରାହ୍ନରେ ଆସିଥିଲି। ପ୍ରାୟ ସାଢ଼େ ୩ଟାରୁ ୪ଟା ଭିତରେ ମାତୃ ଶିଶୁ ଚିକିତ୍ସାଳୟରେ ଡାକ୍ତର, ନର୍ସ, ସିକ୍ୟୁରିଟ୍ ଗାର୍ଡ ଓ ହେଲ୍ପ ଡେକ୍ସ କର୍ମଚାରୀଙ୍କୁ ଦେଖିବାକୁ ମିଳି ନ ଥିଲା। କେବଳ ଟିକେଟ୍ କାଉଣ୍ଟରରେ କେତେଜଣ କର୍ମଚାରୀ ଟିକେଟ କାଟୁଥିଲେ। ସେମାନେ କିଛି ତଥ୍ୟ ଦେଇ ପାରି ନ ଥିଲେ। ସେବା ନ ପାଇ ୧୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟକୁ ଯାଇ ଆଡିମିଶନ କରିଥିଲୁ। ଅଭିଯୋଗ କରିବାକୁ ସିଡିଏମ୍‌ଓ ଓ ସୁପରିଟେଣ୍ଡେଣ୍ଟଙ୍କ ପାଖକୁ ଯାଇ ଅଫିସ ତାଲା ପଡିଥିବା ଦେଖି ଫେରିଲୁ। ଶେଷରେ ବହୁ କଷ୍ଟରେ ୩ ମହଲାକୁ ଚାଲି ଚାଲି ଯାଇଥିଲି। ଗାନ୍ଧୀ ଜୟନ୍ତୀ ପରି ଛୁଟି ଦିନ ଯୋଗୁ ଏଭଳି ଅସୁବିଧା ହେଲା ବୋଲି କେତେଜଣ କର୍ମଚାରୀ କହିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଏଭଳି ଅବ୍ୟବସ୍ଥା ଅନ୍ୟ ଶିଶୁମାନେ ଭୋଗନ୍ତୁ ନାହିଁ। ସ୍ୱାସ୍ଥ୍ୟ ବିଭାଗ ଏହାର ନିରାକରଣ କରୁ ବୋଲି କହିଛନ୍ତି।

ଏନେଇ ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଟେଣ୍ଡେଣ୍ଟ ଡାକ୍ତର ଅଜୟ ବାହିନିପତି କୁହନ୍ତି, ବୁଧବାର ସ୍ୱତନ୍ତ୍ର ନବଜାତ ଶିଶୁ ଚିକିତ୍ସା କେନ୍ଦ୍ରର ଅବ୍ୟବସ୍ଥା ନେଇ ଜାଣିବାକୁ ପାଇଛି। ଅଭିଯୋଗ ମିଳି ନ ଥିଲେ ମଧ୍ୟ ଘଟଣାର ତଦନ୍ତ କରାଯିବ। ଅନ୍ୟପକ୍ଷେ ମୁଁ ନିଜେ ଅତର୍କିତ ଭାବେ ଚଢ଼ାଉ କରି କିଛି ଅବ୍ୟବସ୍ଥା ଜାଣିବାକୁ ପାଇଛି। ଅବ୍ୟବସ୍ଥାର ସମାଧାନ ପାଇଁ ଚେଷ୍ଟା ଜାରି ରଖିଛି ବୋଲି କହିଛନ୍ତି।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ରଣପୁର,୨।୧୦
(ସୁକାନ୍ତ କିଶୋର ଡାକୁଆ)

ମଙ୍ଗଳବାର ଚାନ୍ଦପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୪-୨୫ ସିଆରସିସି ପ୍ରଶାନ୍ତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଗୋପବନ୍ଧୁନଗର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଚାନ୍ଦପୁର ସରପଞ୍ଚ ରଞ୍ଜିତା ସେନାପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲାବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାଜିଲା ଅଧିକାରୀ ଲକ୍ଷ୍ମୀଧର ବେହେରା, ଅବସରପ୍ରାପ୍ତ ଅଧ୍ୟାପକ ବାନାମ୍ବର ହୋତା, ଅବସର ବରିଷ୍ଠ ଶିକ୍ଷକ ବିରଞ୍ଚି ନାରାୟଣ ସାହୁ, ବିରଞ୍ଚି ତ୍ରିପାଠୀ, ଦୀପକ କୁମାର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ । ଅତିଥିମାନେ ଏହି କାର୍ଯ୍ୟକ୍ରମ ବିଦ୍ୟାଳୟରେ ଅନୁଷ୍ଠିତ ହେବା ଦ୍ୱାରା ଛାତ୍ରୀଛାତ୍ରମାନଙ୍କ ପ୍ରତିଭାର ବିକାଶ ପାଇବ ବୋଲି କହିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବିନ୍ଦ୍ର କୁମାର ବେହେରା ଉକ୍ତ ଉତ୍ସବରେ ସଭାପତିତ୍ୱ କରି କରିଥିଲେ।

# ଚିକିତ୍ସାରେ ଅବହେଳା ଯୋଗୁ ରୋଗୀଙ୍କ ମୃତ୍ୟୁ

ଓଡ଼ଗାଁ,୨।୧୦
(ଆଦର୍ଶ କୁମାର ପଟ୍ଟନାୟକ)

ଆଜିବି ଲୋକଙ୍କ ମନରେ ଅନ୍ଧ ବିଶ୍ୱାସ ଭରି ରହିଛି। ଗୁଣି ଗାରେଡି ଓ ଦେଶୀ ଚିକିତ୍ସା ଉପରେ ଲୋକେ ଏବେ ବି ନିର୍ଭର କରୁଛନ୍ତି। ସେଥି ପାଇଁ ଜଣେ କିଶୋରଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ଓଡ଼ଗାଁ ବ୍ଲକ କୁରାଳ ଗ୍ରାମରେ। ସୂଚନା ଅନୁଯାୟୀ, କୁରାଳ ତିଅରସାହିର ଜଗନ ଘଡ଼େଇଙ୍କ ପୁଅ ବିଶ୍ୱଜିତ୍ (୧୬)ଙ୍କର ଗତ ୧୫ ଦିନ ହେବ ଜ୍ୱର ଲାଗି ରହିଥିଲା। ଜଗନଙ୍କୁ ଜ୍ୱର ହେବାପରେ ପରିବାର ଲୋକେ କୁରାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦେଖାଇ ଔଷଧ ଆଣିଥିଲେ। ସେଥିରେ ନ କମିବାରୁ ପଡ଼ିଶା ଲୋକଙ୍କ କଥାରେ ବସନ୍ତ ହୋଇଛି ଭାବି ଦେଶୀ ଚିକିତ୍ସା କରିବାକୁ ମନସ୍ଥ କରିଥିଲେ। ଆଖପାଖ ଅଞ୍ଚଳରୁ ଦେଶୀ ଔଷଧ ଆଣି ଦେଇଥିଲେ।ଏପଟେ ବିଶଜିତ୍‌ଙ୍କ ଅବସ୍ଥା ଦିନକୁଦିନ ବିଗିଡିବାକୁ ବସିଥିଲେ ମଧ ପରିବାର ଲୋକେ ଅନ୍ଧ ବିଶ୍ୱାସରେ ବୁଡି ରହିଥିଲେ। ଚାହୁଁ ଚାହୁଁ ୧୫ ଦିନ ବିତିଯିବା ପରେ ବୁଧବାର ତାଙ୍କୁ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କେବଳ ବିଶ୍ୱଜିତ ନୁହନ୍ତି ଅନେକ ପରିବାର ଦେଶୀ ଚିକିତ୍ସା ଓ ଗୁଣିଗାରେଡ଼ି ଉପରେ ଅନ୍ଧ ବିଶ୍ୱାସ କରୁଥିବାରୁ ଅନେକ ଜୀବନ ଅକାରଣରେ ଚାଲିଯାଉଛି। ତେବେ ପ୍ରଶାସନ ପକ୍ଷରୁ ପ୍ରତି ଗାଁରେ ଲୋକଙ୍କୁ ଦେଶୀ ଚିକିତ୍ସା ଓ ଗୁଣିଗାରେଡ଼ି ଉପରେ ବିଶ୍ୱାସ ନ କରିବାକୁ ସଚେତନତା କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।



## ସଂକ୍ଷେପରେ

### ଭାଜପାର ଅଭିଯୋଗ ଶୁଣାଣି, ସଦସ୍ୟତା ଅଭିଯାନ

ପାଣିକୋଇଲି,୨।୧୦(ବିକାଶ ମଲ୍ଲିକ): କୋରେଇ ଭାଜପା ପକ୍ଷରୁ ବିଧାୟକ ଆକାଶ ଦାସନାୟକଙ୍କ ନେତୃତ୍ୱରେ ବୁଧବାର ବରୁଣ୍ଡାଇ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୦ ଅଭିଯୋଗ ବିଧାୟକଙ୍କୁ ପ୍ରଦାନ କରାଯାଇଛି। ଏହାପରେ ଅମୃତିଆ ପଞ୍ଚାୟତର ହଟପୁରଠାରେ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ପ୍ରକାଶ ଧଳ, ଜୟନ୍ତୀ ସାହୁ, ବରୁଣ୍ଡାଇ ସରପଞ୍ଚ ଲିପ୍‌ସା ପରିଡ଼ା, ବନ୍ଧାଳୋ ସରପଞ୍ଚ ବିଷ୍ଣୁ ଚରଣ ରଥ, ଉଦୟନାଥ ପରିଡ଼ା, ଅଭିମନ୍ୟୁ ସେଠୀ, ବାଇଧର ଜେନା, ବସନ୍ତ ପତ୍ରୀ, ଚଗୁଲୁ ଓଝା, ସୁବଳ ସାହୁ ଓ ସେକ୍ ଜଗୁଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।

### କରଦା ଗାନ୍ଧୀପୀଠରେ ଗାନ୍ଧୀ ଜୟନ୍ତୀ

ପାଣିକୋଇଲି,୨।୧୦(ବିକାଶ ମଲ୍ଲିକ): କୋରେଇ ବ୍ଲକ ଅନ୍ତର୍ଗତ କରଦାସ୍ଥିତ ଗାନ୍ଧୀ ପୀଠରେ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଭିନ୍ନ ଅନୁଷ୍ଠାନ ଓ ସାମାଜିକକର୍ମୀଙ୍କ ପକ୍ଷରୁ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ପ୍ରତ୍ୟୁଷରୁ ରାମଧୂନ ପାଠ ପରେ କରଦା ପଞ୍ଚାୟତ ପକ୍ଷରୁ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ପରେ ମୋନା ଯାଜପୁର ଜିଲା ଶାଖା ପକ୍ଷରୁ ନିଶା ନିବାରଣ ପାଇଁ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ସରପଞ୍ଚ ଗଣେଶ ସାହୁ, ଶିକ୍ଷାବିତ୍ ଚିନ୍ତାମଣି ବେହେରା, ବଳରାମ ସାହୁ, ଭୁବନମୋହନ ମହାନ୍ତି, ସରପଞ୍ଚ ଅନିମା ମଲିକ, ସମିତିସଭ୍ୟା ପଙ୍କଜିନୀ ସାହୁ ଓ କାର୍ତ୍ତିକ ସ୍ୱାଇଁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ସେହିପରି ବିଭିନ୍ନ ବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଛି। ଗାନ୍ଧୀ ମୂର୍ତ୍ତି ଥିବା ସ୍ଥାନଗୁଡ଼ିକରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି।

### ଗାନ୍ଧୀଙ୍କ ଆଦର୍ଶ ଜୀବନକୁ ସ୍ୱଚ୍ଛ, ସୁନ୍ଦର କରିଥାଏ

ବିଞ୍ଝାରପୁର,୨।୧୦(ରାମକୃଷ୍ଣ ଦାସ): ମହାତ୍ମା ଗାନ୍ଧୀଙ୍କ ନୀତି ଓ ଆଦର୍ଶ ମଣିଷ ଜୀବନକୁ ମାର୍ଜିତ କରିବା ସହିତ ସ୍ୱଚ୍ଛ ଏବଂ ସୁନ୍ଦର କରିଥାଏ। ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଗୁହାଳି ପଞ୍ଚାୟତ ପକ୍ଷରୁ ଆୟୋଜିତ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଦିବ୍ୟଜ୍ୟୋତି ଘଡେଇ ଯୋଗଦେଇ ଏହି ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ଏଜିଆଇ ହାଇସ୍କୁଲ ଓ ମନେଇଶୁଣି ପ୍ରାଇମେରି ସ୍କୁଲ ପରିସରରେ ପଞ୍ଚାୟତ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ସମିତିସଭ୍ୟ ଆଶାଲତା ସାହୁ, ନାଏବ ସରପଞ୍ଚ ନିର୍ମଳ ଯେନା, ସ୍ମୃତି ରଞ୍ଜନ ସାହୁ, ଗଣେଶ ଚନ୍ଦ୍ର ଧଳ, ବିନୋଦ ବିହାରୀ ଦାସ, ବିଚିତ୍ରାନନ୍ଦ ନାଥଶର୍ମା, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମୁଲତା ନନ୍ଦ ଓ ସୌଭାଗିନୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ବୌଦ୍ଧ ହୀରକ ତ୍ରିଭୁଜରେ ପର୍ଯ୍ୟଟନ ସଚିବ, ନିର୍ଦ୍ଦେଶକ

## ସ୍ଥିତି ଅନୁଧ୍ୟାନ କଲେ

ଚଣ୍ଡିଖୋଲ/ଧର୍ମଶାଳା,୨।୧୦ (ପ୍ରଦୀପ୍ତ କୁମାର ପୃଷ୍ଟି/ବଟକୃଷ୍ଣ ପରିଡ଼ା):



ଉଦୟଗିରିଠାରେ ପ୍ରଶାସନିକ ଅଧିକାରୀମାନଙ୍କୁ ସ୍ୱାଗତ କରାଯାଉଛି।

ରାଜ୍ୟର ପ୍ରମୁଖ ପର୍ଯ୍ୟଟନକ୍ଷେତ୍ରଭାବେ ପରିଚିତ ପ୍ରାଚୀନ ବୌଦ୍ଧ କୀର୍ତ୍ତିରାଜିରେ ପରିପୂର୍ଣ୍ଣ ହୀରକ ତ୍ରିଭୁଜ (ଲଳିତଗିରି, ଉଦୟଗିରି ଓ ରତ୍ନଗିରି)ସହିତ ଲାଙ୍ଗୁଡ଼ି ଏବଂ ଦେଉଳି ପାହାଡ଼କୁ ପ୍ରଶାସନିକ ଅଧିକାରୀ ବୁଧବାର ପରିଦର୍ଶନରେ ଆସି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ୪ ବୌଦ୍ଧପୀଠର ବର୍ତ୍ତମାନ ସ୍ଥିତି କ'ଣ ଅଛି ଓ ଏହାର ଉନ୍ନତୀକରଣ ନିମନ୍ତେ କେଉଁ କାର୍ଯ୍ୟ କରାଯାଇପାରିବ ତାହାର ତଦାରଖ କରିଛନ୍ତି। ଏଥିରେ ରାଜ୍ୟ ପର୍ଯ୍ୟଟନ ବିଭାଗ ସଚିବ ବଲୱନ୍ତ୍ ସିଂହ, ପର୍ଯ୍ୟଟନ ନିର୍ଦ୍ଦେଶକ ସମର୍ଥ ବର୍ମା, ଯାଜପୁର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପୁରୀ ସର୍କଲର ଅଧକ୍ଷ ଡ. ଦିବିଷଦ ବ୍ରଜସୁନ୍ଦର ଗଡ଼ନାୟକ ପ୍ରମୁଖ ସାମିଲ ହୋଇଥିଲେ। ସେମାନେ ପ୍ରଥମେ ଯାଜପୁର ଜିଲାର ରତ୍ନଗିରି ବୌଦ୍ଧପୀଠ ପରିଦର୍ଶନ କରିବା ପରେ ଉଦୟଗିରି ଆସି ବୁଲି ଦେଖିଥିଲେ। ଏଠାରେ ଥିବା ମାଧବପୁର ମହାବିହାର ଓ ସିଂହପ୍ରସ୍ଥ ମହାବିହାର ମଧ୍ୟ ବୁଲି ଦେଖିଥିଲେ। ଏହାପରେ ବିଶ୍ୱପ୍ରସିଦ୍ଧ ଲାଙ୍ଗୁଡ଼ି ପୁଷ୍ପଗିରି ବିହାର ଓ ଦେଉଳି ନଖସ୍ତୂପ ବୁଲିଥିଲେ। ଅଧିକାରୀମାନେ ପହଞ୍ଚିବା ପରେ ଉଦୟଗିରିଠାରେ ବୁଦ୍ଧ ମହୋତ୍ସବ ସମିତି ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା।

ଅଢ଼େଇ ହଜାର ବର୍ଷ ତଳୁ ଥିବା ପ୍ରାଚୀନ ବୌଦ୍ଧ କୀର୍ତ୍ତିରାଜି ସହିତ ପ୍ରାଚୀନ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଉଦୟଗିରି ବୁଦ୍ଧ ମହୋତ୍ସବ ସମିତି ସଭାନେତ୍ରୀ ଡ. ଅରୁନ୍ଧତୀ ଦେବୀ, ଆବାହକ ମହେଶ୍ୱର ବଳ, ଜିଲା ସଂସ୍କୃତି ପରିଷଦ ସଭ୍ୟ ଶୁଭେନ୍ଦୁ ଭୂୟାଁ ପ୍ରମୁଖ ଏଠାରେ ହୋଇଥିବା ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀ ସମ୍ପର୍କରେ ବୁଝାଇବା ସହ କିପରି ଦେଶବିଦେଶର ପର୍ଯ୍ୟଟକ, ଗବେଷକ ଆସିଥିଲେ ସେ ସମ୍ପର୍କରେ ସୂଚନା ଦେଇଥିଲେ।

ଉପରୋକ୍ତ ଅଧିକାରୀଙ୍କ ସହିତ ରାଜ୍ୟ ପର୍ଯ୍ୟଟନ ବିଭାଗ ଯୁଗ୍ମ ସଚିବ ସରୋଜ କୁମାର ସ୍ୱାଇଁ, ପର୍ଯ୍ୟଟନ ବିଭାଗ ମହାପ୍ରବନ୍ଧକ ପି.କେ. ଚାନ୍ଦ, ଏଏସ୍‌ଆଇର ଇଂ. ଚିତ୍ତରଞ୍ଜନ ଦାସ, ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀ, ବଡ଼ଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ଧର୍ମଶାଳା ତହସିଲଦାର ଶୁଭଙ୍କର ମହାନ୍ତି, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଜଗବନ୍ଧୁ ଜେନା ପ୍ରମୁଖ ସାମିଲ ହୋଇଥିଲେ। ବୁଦ୍ଧ ମହୋତ୍ସବ ସମିତି ପକ୍ଷରୁ ଉମାକାନ୍ତ ବଳ, କିଶୋର ଚନ୍ଦ୍ର ଦାସ, ଶୈଳେନ୍ଦ୍ର ନାରାୟଣ ରାୟ, ରାମଚନ୍ଦ୍ର ସାମଲ ଓ ଈଶ୍ୱର ଚନ୍ଦ୍ର ପରିଡ଼ା ପ୍ରମୁଖ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଧିକାରୀମାନଙ୍କୁ ସ୍ୱାଗତ କରିଥିଲେ। ତେବେ ହଠାତ୍ ପର୍ଯ୍ୟଟନ ବିଭାଗ ଅଧିକାରୀଙ୍କ ଗସ୍ତକୁ ନେଇ ବୌଦ୍ଧ ଗବେଷମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଅବହେଳିତ ହୋଇପଡ଼ିଥିବା ବୌଦ୍ଧ କ୍ଷେତ୍ରଗୁଡ଼ିକର ବିକାଶ ହେବାକୁ ନେଇ ଆଶାପ୍ରକଟ କରାଯାଇଛି।

### ବଡ଼ଚଣା କଂଗ୍ରେସ ପକ୍ଷରୁ ଗାନ୍ଧୀ ଜୟନ୍ତୀ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୨।୧୦ (ପ୍ରଦୀପ୍ତ କୁମାର ପୃଷ୍ଟି/ଗିରିଜା ପ୍ରସାଦ ସାହୁ): ବଡ଼ଚଣା ବ୍ଲକ୍ କଂଗ୍ରେସ ପକ୍ଷରୁ ବୁଧବାର ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ବ୍ଲକ ଅନ୍ତର୍ଗତ ଚମ୍ପାପୁରଠାରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ କହିଥିଲେ, ସାଂପ୍ରତିକ ପରିସ୍ଥିତିରେ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୂର ଶାସ୍ତ୍ରୀଙ୍କ ବାଣୀ ଏବଂ ନୀତି ବିଶ୍ୱକୁ ରକ୍ଷା କରିପାରିବ। ଯେଉଁଭଳି ଦେଶଦେଶ ମଧ୍ୟରେ ହିଂସା ସୃଷ୍ଟି ହେଉଛି ସେଠି ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଆଦର୍ଶର ଆବଶ୍ୟକତା ରହିଛି ବୋଲି ସାମଲ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ସାହାଣୀ, ପୂର୍ବତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, ବିଶ୍ୱପ୍ରକାଶ ସାମଲ, ସଞ୍ଜୟ କୁମାର କର, ଅଶୋକ କୁମାର ରାଉତ, ଚାନ୍ଦ ଖାଁ, ଶୁଭଲକ୍ଷ୍ମୀ ଜେନା, ବଟକୃଷ୍ଣ ଦାସ, ପ୍ରମୋଦ କୁମାର ରାଉତ, ନିରଞ୍ଜନ ରାଉତ ଓ ମହେଶ୍ୱର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ନାରାୟଣ ଦାସ ଧନ୍ୟବାଦ ଦେଇଥିଲେ।

# ଆଜିଠାରୁ ମା' ବିରଜାଙ୍କ ରଥଯାତ୍ରା, ପାଦ ଦର୍ଶନ

ଯାଜପୁର ଟାଉନ,୨।୧୦ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ମା'ବିରଜାଙ୍କ କ୍ଷେତ୍ର ନାଭିଗୟାରେ ଆଶ୍ୱିନ କୃଷ୍ଣପକ୍ଷ ଅମାବାସ୍ୟା ତିଥିରେ ବୁଧବାର ପିତୃପକ୍ଷ ପିଣ୍ଡଦାନ ଶେଷ ହୋଇଛି। ଭାରତର କୋଣ ଅନୁକୋଣରୁ ହିନ୍ଦୁ ଧର୍ମାବଲମ୍ବୀ ଭକ୍ତ ଆସି ପିଣ୍ଡଦାନ କରିଛନ୍ତି। ନାଭିଗୟାରେ ପିଣ୍ଡଦାନ କଲେ ପିତୃଲୋକର ସବୁ ଅତୃପ୍ତ ପ୍ରେତ ପ୍ରେତତ୍ୱରୁ ମୁକ୍ତି ପାଇଥାଆନ୍ତି ବୋଲି ଯେଉଁ ପରମ୍ପରା ଅଛି ସେହି ପରମ୍ପରାକୁ ଆଧାର କରି ଭକ୍ତ ପିଣ୍ଡଦାନ କରିବା ସହିତ ମା'ଙ୍କୁ ଦର୍ଶନକରି ପିତୃପୁରୁଷଙ୍କୁ ମୋକ୍ଷ ପାଇଁ ପ୍ରାର୍ଥନା କରିଛନ୍ତି।

ସେହିପରି ମା'ବିରଜାଙ୍କ ରଥ ନିର୍ମାଣ କାର୍ଯ୍ୟ ଇନ୍ଦୁପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥିବାବେଳେ କୃଷ୍ଣପକ୍ଷ ଅମାବାସ୍ୟା ତିଥିରେ ରଥ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ବିରଜା ମନ୍ଦିର ସମ୍ମୁଖରେ ଥିବା ରଥାଧିବାସ ମଣ୍ଡପରେ ରାତ୍ର ୧୦ଟାପରେ ରଥାଧିବାସ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇଛି। ପ୍ରତିପଦା ଦିନ ମା'ଙ୍କ ରଥ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ସନ୍ଧ୍ୟାରେ ରଥଟଣା ହେବ। ୯ଦିନ ବ୍ୟାପୀ ମା'ଙ୍କ ପାଦଦର୍ଶନ ପ୍ରତିପଦା ଗୁରୁବାରଠାରୁ ଆରମ୍ଭ ହେବ। ସେହିପରି ମା'ଙ୍କ ଦୁର୍ଗାସୋବ ନିମନ୍ତେ ଦ୍ୱିତୀୟାଷ୍ଟମୀଠାରୁ ଆରମ୍ଭ ହୋଇଥିବା ବିଶେଷ ଷୋଡ଼ଶୋପଚାର ପୂଜା ଅମାବାସ୍ୟା ତିଥିରେ ଅଷ୍ଟମ ଦିନରେ ପହଞ୍ଚିଛି। ଅମାବାସ୍ୟା ଦିନ ବୈତରଣୀ ଜଳରେ ମା'ଙ୍କୁ ମହାସ୍ନାନ କରାଯିବା ପରେ ବେଶକରାଯାଇ ପହୁଡ଼ କରାଯାଇଥିଲା। ପହୁଡ଼ ଖୋଲିବା ପରେ ମା'ଙ୍କ ଆଳତି କରାଯିବା ସହିତ ରାତ୍ର ୧୦ଟା୪୮ ପରେ ରଥାଧିବାସ କାର୍ଯ୍ୟ ସମ୍ପନ୍ନ ହେବା ପରେ ମା'ଙ୍କ ବିଶେଷ ଷୋଡ଼ଶୋପଚାର ପୂଜା କରାଯାଇ ପହୁଡ଼ କରାଯାଇଥିଲା। ରଥାଧିବାସ କାର୍ଯ୍ୟକ୍ରମ ଓ ବିଶେଷ ଷୋଡ଼ଶୋପଚାର ପୂଜାକୁ ଧର୍ମାଧିକାରୀ ହିମାଂଶୁ ଶେଖର ପତିମିଶ୍ର, ବିରଜା କିଂକର ପତି, ପ୍ରମୋଦ ପତି, ମୋହିନୀ ମୋହନ ପତି, ମନୋରଞ୍ଜନ ପତି, ଡ. ଜ୍ଞାନରଞ୍ଜନ ପତି, ସରୋଜ ପତି, ପ୍ରତାପ କୁମାର ପତି, ପ୍ରଭାତ ରଞ୍ଜନ ପତି, ବିରଜା ଶଙ୍କର ପତି, ଶଶାଙ୍କ ଶେଖର ପତି ଓ ପୂଜକ ନାଗେନ୍ଦ୍ରଭୂଷଣ କର ପ୍ରମୁଖ ସମ୍ପନ୍ନ କରିଥିଲେ। ମନ୍ଦିର ପରିସରରେ ଭକ୍ତଙ୍କ ଭିଡ଼କୁ ଲକ୍ଷ୍ୟ ରଖି ଯାଜପୁର ଥାନାଧିକାରୀ ଶରତ ପାତ୍ରଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ୍ ଫୋର୍ସ ମୁତୟନ କରାଯାଇଥିଲା।

**ସରିଲା ପିତୃପକ୍ଷ, ରଥାଧିବାସ :**





ମା'ବିରଜାଙ୍କ କ୍ଷେତ୍ର ନାଭିଗୟାରେ ପିତୃପକ୍ଷ ପିଣ୍ଡଦାନ କରାଯାଉଛି।

### ମହିଳାଙ୍କୁ ବଳାତ୍କାର, ଯୁବକ ଗିରଫ

କଳିଙ୍ଗନଗର,୨।୧୦(ଶୁଭାଶିଷ ରାଉତ): ଯାଜପୁର ଜିଲା କଳିଙ୍ଗନଗର ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ଦୁର୍ଗାପୁର ଗାଁର ମଙ୍ଗଳ ବାଙ୍କିରା। ଅଭିଯୋଗ ମୁତାବକ, ମହିଳାଙ୍କ ସ୍ୱାମୀ ଟାଟା ଷ୍ଟିଲ କାରଖାନାରେ କାମ କରୁଛନ୍ତି। ମହିଳା ତାଙ୍କ ସ୍ୱାମୀଙ୍କ ପାଖକୁ କୌଣସି କାମରେ ଫୋନ କରିବା ପାଇଁ ମଙ୍ଗଳଙ୍କ ଘରକୁ ଆସିଥିଲେ। ମଙ୍ଗଳ ସମ୍ପୃକ୍ତ ମହିଳାଙ୍କୁ ତାଙ୍କ ସ୍ୱାମୀଙ୍କ ସହିତ ଫୋନରେ କଥା କରାଇ ଦେଇଥିଲେ। ପରେ ମହିଳାଙ୍କୁ ବଳାତ୍କାର କରିଥିଲେ। ଏହି କଥା ମହିଳା ଜଣଙ୍କ ତାଙ୍କ ସ୍ୱାମୀ ରାତିରେ ଘରକୁ ଫେରିବା ପରେ କହିଥିଲେ। ପରଦିନ ଉଭୟ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ଏନେଇ ପୋଲିସ ନଂ.୨୩୫।୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣାପରେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଥାନା ଅଧିକାରୀ ପ୍ରକାଶ କୁମାର ସାହୁ ମଙ୍ଗଳବାର ରାତିରେ ଢେଙ୍କାନାଳ ଜିଲା କାମାକ୍ଷାନଗରଠାରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

### ବ୍ୟାସନଗର ମହାବିଦ୍ୟାଳୟରେ ଗାନ୍ଧୀ ଜୟନ୍ତୀ



ଗାନ୍ଧୀ ଜୟନ୍ତୀରେ ଯୋଗଦେଇଥିବା କଲେଜ ଅଧ୍ୟାପକ ଓ ଛାତ୍ରୀଛାତ୍ର ।

ଯାଜପୁରରୋଡ୍,୨।୧୦ (ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ପ୍ରାକ୍ତନ ଅଧ୍ୟକ୍ଷ ଡ. କୁଶଚନ୍ଦ୍ର ପ୍ରଧାନଙ୍କ ଆବାହକତ୍ୱରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ସଭାପତି ବିଦ୍ୟାଧର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ସୁଦୃଢ଼ ବ୍ୟାସନଗର ମହାବିଦ୍ୟାଳୟ ଗଠନରେ ବ୍ରତୀ ହେବାକୁ ଛାତ୍ରୀଛାତ୍ର, ଶିକ୍ଷକ ଓ କର୍ମଚାରୀଙ୍କୁ ଆହ୍ୱାନ ଦେଇଥିଲେ। ଗାନ୍ଧିଜୀଙ୍କ ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହୋଇ ସମାଜର ହିତକାର୍ଯ୍ୟରେ ନିଜକୁ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। କଲେଜ ଅଧ୍ୟକ୍ଷ ହିମାଂଶୁ ଶେଖର ଦ୍ୱିବେଦି ସ୍ୱାଗତ ଅଭିଭାଷଣ ଦେଇଥିଲାବେଳେ ମହାବିଦ୍ୟାଳୟର ଅଧ୍ୟାପକ ଅଜୟ କୁମାର ମହାକୁଡ଼, ସନାତନ ଦାସ, ଗୋଲେଖ ମହାକୁଡ଼, ଅଜୟ କୁମାର ପଣ୍ଡା, ବିବେକାନନ୍ଦ ଜେନା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବିଭୀଷଣ ନାୟକ, କୁଳମଣି ସାମଲ, ଅନାଦି ଚରଣ ଓଝା, ବସନ୍ତ ସାହୁ, ପ୍ରବୀର ସ୍ୱାଇଁ, ରାଜେଶ ପଣ୍ଡା, ସୁରେନ୍ଦ୍ର ନାୟକ, ଶ୍ରୀନିବାସ ରାଜୁ, ଦିଲୀପ ଦଳାଇ, ତାପସ ସାହୁ, କାମଦେବ ଦାସ, ନରେନ୍ଦ୍ର ଦାସ, ରଶ୍ମିରଞ୍ଜନ ରାଉତ, ସନ୍ତୋଷ ସାହୁ, ଜଳଧର ଖିଲାର ଓ ଚିତ୍ତରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା, ସ୍ୱଚ୍ଛ ଓ ସୁନ୍ଦର ଭାରତ ଗଠନ କରିବା ଦିଗରେ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ।

### ଓଡ଼ିଆ ବିଭାଗ ପକ୍ଷରୁ ଅଭିଭାବକ, ଶିକ୍ଷକ ବୈଠକ

ପଟ୍ଟାମୁଣ୍ଡାଇ,୨।୧୦ (କଳ୍ପତରୁ ନାୟକ) ପଟ୍ଟାମୁଣ୍ଡାଇ କଲେଜ ଓଡ଼ିଆ ବିଭାଗ ପକ୍ଷରୁ ଅଭିଭାବକ, ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ପ୍ରମୋଦ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଅଭିଭାବକ ସବିତା ବିଶ୍ୱାଳ, ସସ୍ମିତା ନାଥ ପ୍ରମୁଖ ଯୋଗ ଦେଇ କଲେଜର ଶିକ୍ଷାଦାନ ଓ ପରୀକ୍ଷାଫଳ ଉପରେ ଆଲୋକପାତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ସୁଚିନ୍ତିତ ମତାମତ ଦେଇଥିଲେ। ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥି ଅଧ୍ୟାପିକା ଶାନ୍ତି ସିଂ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ସହ ମତ ବିନିମୟ କରିଥିଲେ। ଶେଷରେ ଅଧ୍ୟାପକ ଚିନ୍ମୟ ସାମଲ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କ୍ରିଷ୍ଟାପ୍ରିୟା ତରାଇ, ଅନିରୁଦ୍ଧ ଘଡ଼ାଇ, ବିଷ୍ଣୁପ୍ରିୟା ମଲ୍ଲିକ, ସ୍ଥିତିପ୍ରଜ୍ଞା ମହାନ୍ତି ପରିଚାଳନା କରିଥିଲେ।

# ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ, ହ୍ୟାଣ୍ଡବଲ ପ୍ରତିଯୋଗିତା

ଯାଜପୁର ଟାଉନ,୨।୧୦ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲା ସ୍କୁଲ ଓ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ବୁଧବାର ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବ୍ୟାଡମିଣ୍ଟନ ଓ ହ୍ୟାଣ୍ଡବଲ (୧୪ବର୍ଷରୁ ୧୭ ବର୍ଷ ବାଳିକାବାଳକମାନଙ୍କ)ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ଏମ୍‌ପି ଡା. ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଏହି ପ୍ରତିଯୋଗିତା ୫ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ବିଭିନ୍ନ ଜିଲାରୁ ୭୭୩ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ମୁଖ୍ୟଅତିଥି କ୍ରୀଡ଼ା ପତାକା ଉତ୍ତୋଳନ କରି ଯାଜପୁର ଜିଲାରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହେଉଥିବା ଆମ ପାଇଁ ଗୌରବର ବିଷୟ ବୋଲି କହିଥିଲେ। ଏହି ପ୍ରତିଯୋଗିତା ପିଲାଙ୍କ ଭିତରେ ଥିବା ଲୁକ୍କାୟିତ କ୍ରୀଡ଼ା ପ୍ରତିଭାକୁ ବିକଶିତ କରିବ ବୋଲି ସେ ମତ ରଖିଥିଲେ।

ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା, ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ନାୟକ, ଶାରୀରିକ ଶିକ୍ଷା, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡା, ଶାରୀରିକ ଶିକ୍ଷାର ଅବସରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପ୍ରଧାନ ଯୋଗଦେଇ କ୍ରୀଡାର ଉପକାରିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି ଅଧ୍ୟକ୍ଷତା କରିଥିଲେ। ବ୍ୟାଡ୍‌ମିଣ୍ଟନ କ୍ରୀଡ଼ାରେ ୧୪ ବର୍ଷରୁ କମ ୯୪ ବାଳକ ଓ ୫୬ ବାଳିକା ଅଂଶଗ୍ରହଣ କରିଥିବାବେଳେ ୧୭ ବର୍ଷରୁ କମ ୧୨୮ ବାଳକ ଓ ୧୦୫ ବାଳିକା ଅଂଶଗ୍ରହଣ କରିଛନ୍ତି। ସେହିପରି ହ୍ୟାଣ୍ଡ୍‌ବଲ ପ୍ରତିଯୋଗିତାରେ ୧୪ବର୍ଷରୁ କମ ୨୯ଜଣ ବାଳକ ଓ ୨୦ଜଣ ବାଳିକା ଭାଗ ନେଇଥିବାବେଳେ ୧୭ବର୍ଷରୁ କମ ବର୍ଗରେ ୨୦୬ଜଣ ବାଳକ ଓ ୧୩୫ ଜଣ ବାଳିକା ଭାଗ ନେଇଥିବା ସୂଚନା ମିଳିଛି।



ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବ୍ୟାଡ୍‌ମିଣ୍ଟନ ଓ ହ୍ୟାଣ୍ଡବଲ ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି।

# ମହାତ୍ମା ଗାନ୍ଧୀ ସତ୍ୟ, ଅହିଂସାର ପ୍ରତୀକ ଥିଲେ

## ଜିଲାସ୍ତରୀୟ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

ଯାଜପୁର ଟାଉନ,୨।୧୦ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):




ଯାଜପୁର ଜିଲା ସଦର ମହକୁମାସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଜିଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ସକାଳ ୮ଟା୩୦ରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଗାନ୍ଧୀ ଛକଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରେ ଯାଜପୁର ଜିଲା ସ୍କୁଲ୍ ପରିସରରେ ଥିବା ମହାତ୍ମା ଗାନ୍ଧୀ, ଲାଲ ବାହାଦୁର ଶାସ୍ତ୍ରୀ ଏବଂ ସଂସ୍କୃତି ଭବନ ପରିସରରେ ଥିବା ମହାତ୍ମା ଗାନ୍ଧୀ ଓ ଅନ୍ୟ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଗାନ୍ଧୀ ଜୟନ୍ତୀ ଉତ୍ସବ ଅତିରିକ୍ତ ଜିଲାପାଳ ଶୁଭେନ୍ଦ୍ର କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପଗୁଚ୍ଛ ଅର୍ପଣ କରିଥିଲେ। ପରେ ସର୍ବଧର୍ମ ପ୍ରାର୍ଥନା ସଭା ହୋଇଥିଲା। ବିଶିଷ୍ଟ ଗାନ୍ଧୀବାଦୀ ଗବେଷକ ମିହିର ପ୍ରତାପ ଦାସ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୀବନାଦର୍ଶ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସେ କହିଥିଲେ, ମହାତ୍ମା ଗାନ୍ଧୀ ସତ୍ୟ ଓ ଅହିଂସାର ପ୍ରତୀକ ଥିଲେ। ଗାନ୍ଧୀଙ୍କ ଯୋଗଦାନ ଭାରତୀୟ ମୁକ୍ତିସଂଗ୍ରାମକୁ ଏକ ନୂତନ ମୋଡ଼ ଦେଇ ତାଙ୍କୁ ବିଶ୍ୱବାସୀଙ୍କ ନିକଟରେ ମହାମାନବର ମାନ୍ୟତା ଦେଇଥିଲେ। ଶାନ୍ତିଦୂତ ଲାଲ ବାହାଦୁର ଶାସ୍ତ୍ରୀ ଜଣେ ନିଆରା ଜନନାୟକ ଭାବେ ସାରା ବିଶ୍ୱରେ ସୁପରିଚିତ। ଏହି ୨ ଯୋଗଜନ୍ମା ମାନବଜାତିର ଉନ୍ନତି ପାଇଁ ଜୀବନକୁ ଉତ୍ସର୍ଗ କରିଯାଇଛନ୍ତି। ସେମାନଙ୍କ ତ୍ୟାଗ, ତିତିକ୍ଷା ଓ ବଳିଦାନର ପଟାନ୍ତର ନାହିଁ। ଭାରତୀୟ ମୁକ୍ତି ସଂଗ୍ରାମରେ ୧୯୨୧ରେ ଅସହଯୋଗ ଆନ୍ଦୋଳନ, ୧୯୩୦ରେ ଲବଣ ସତ୍ୟାଗ୍ରହ ଓ ୧୯୪୨ରେ ଭାରତ ଛାଡ଼ ଆନ୍ଦୋଳନର ଫଳ ସ୍ୱରୂପ ୧୯୪୭ ଅଗଷ୍ଟ ୧୫ରେ ଭାରତବର୍ଷ ପରାଧିନତାର ଶୃଙ୍ଖଳାରୁ ମୁକ୍ତ ହୋଇଛି।

ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ଏବଂ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରାତଃକାଳରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସହରରେ ରାମଧୂନ ପରିବେଷଣ କରାଯାଇଥିଲା। ସକାଳ ୬ଟା୩୦ରେ ଜିଲା ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ବାପୁଜୀଙ୍କ ବାଣୀ ସମ୍ବଳିତ ଏକ ସଚେତନତା ଶୋଭାଯାତ୍ରା ଜିଲା ସ୍କୁଲ ପରିସରରୁ ବାହାରି ଗାନ୍ଧୀ ଛକ ଦେଇ ସଂସ୍କୃତି ଭବନ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ସାଧାରଣ ସଭାରେ ସମ୍ମାନିତ ଅତିଥି ଭାବେ ଯାଜପୁର ତହସିଲଦାର ଅରବିନ୍ଦ ବେହେରା, ସମସ୍ତ ଧର୍ମଯାଜକ ଯୋଗଦେଇଥିଲେ। ଜିଲା ସଂସ୍କୃତି ଅଧିକାରୀ ସୋନାଲି ବେହେରା ଧନ୍ୟବାଦ ଦେଇଥିଲେ।

# ରାଜ୍ୟରେ ଖୁବ୍‌ଶୀଘ୍ର ଆୟୁଷ୍ମାନ୍ ଭାରତ ଯୋଜନା ଲାଗୁହେବ: ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ

ମାର୍ଶାଘାଇ/ ମହାକାଳପଡ଼ା, ୨।୧୦ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ/ ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଜାତୀୟ ଡିଜିଟାଲ ସ୍ୱାସ୍ଥ୍ୟ ମିଶନରେ ଓଡ଼ିଶାକୁ ସାମିଲ କରିବାକୁ ରାଜ୍ୟ ସରକାର ଯୋଜନା କରୁଛନ୍ତି। ଏହା ଜରିଆରେ ରୋଗୀଙ୍କ ତଥ୍ୟର ଡିଜିଟାଲ ମ୍ୟାପିଂ ଏବଂ ସେମାନଙ୍କୁ ଏକକ ପରିଚୟ ପତ୍ର ପ୍ରଦାନ କରାଯିବ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ପ୍ରକାଶ କରିଛନ୍ତି। ବୁଧବାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ତଳସଙ୍ଗା ପଞ୍ଚାୟତର ମାଣିକପୁରଠାରେ ମହାକାଳପଡ଼ା ଭାଜପା ପକ୍ଷରୁ ଆୟୋଜିତ ସଦସ୍ୟତା ଅଭିଯାନ ଓ ସେବା ପକ୍ଷ ପାଳନରେ ମୁଖ୍ୟ ଅତିଥି ଭାବେ ଭାବେ ଯୋଗଦେଇ ମନ୍ତ୍ରୀ ମହାଲିଙ୍ଗ ଆହୁରି କହିଥିଲେ, ଖୁବ୍‌ଶୀଘ୍ର ରାଜ୍ୟରେ ଆୟୁଷ୍ମାନ୍ ଭାରତ ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ସ୍ୱାସ୍ଥ୍ୟ ବୀମା ଯୋଜନା କାର୍ଯ୍ୟକାରୀ ହେବ। ରାଜ୍ୟର ପ୍ରାୟ ୧ କୋଟି ପରିବାର ଏହାର ସୁଫଳ ପାଇପାରିବେ। ନିର୍ବାଚନମଣ୍ଡଳୀ ସଂଯୋଜକ ସରୋଜକାନ୍ତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଯୋଗଦେଇ ନୂଆ ସଦସ୍ୟତା ଉପରେ ଗୁରୁତ୍ୱ ଦେଇ କାମ କରିବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଖୁବ୍ କମ୍ ଦିନ ମଧ୍ୟରେ ଏ ଅଞ୍ଚଳର ପାନୀୟ ଜଳ ସମସ୍ୟାର ସମାଧାନ ହେବ ବୋଲି କହିଥିଲେ। ସଭା ପୂର୍ବରୁ ତଳସଙ୍ଗା ସିଦ୍ଧେଶ୍ୱର ମହାଦେବ ମନ୍ଦିର ପରିସରରେ ମନ୍ତ୍ରୀ ମହାଲିଙ୍ଗ, ବିଧାୟକ ନାୟକ, କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ମାର୍ଶାଘାଇ ବିଡିଓ ରଶ୍ମିରେଖା ମଲ୍ଲିକ, ମହାକାଳପଡ଼ା ବିଡିଓ ସାଗର ନନ୍ଦ ପ୍ରମୁଖ 'ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ଗଛ ଲଗାଇଥିଲେ। ଅନ୍ୟମାନଙ୍କ



ଆୟୋଜିତ ସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି।

ମଧ୍ୟରେ ଭାଜପା ନେତ୍ରୀ ଗୀତାଞ୍ଜଳି ସେଠୀ, ଜିଲା ଉପସଭାପତି ସଞ୍ଜୟ ରଥ, କୃଷ୍ଣଚନ୍ଦ୍ର ପଣ୍ଡା, ଲଳିତ ବେହେରା, ପ୍ରଶାନ୍ତ ସେଠୀ, ବିକ୍ରମ ରାଉତରାୟ, ଅମିତାଭ ସୁଆର, ଉପିନ ରାଉତ, ବିକ୍ରମ ସାହୁ, ପ୍ରତାପ ଦାଶ, ପ୍ରଜେଶ ନାୟକ, ଉଷାରାଣୀ ମିଶ୍ର ଓ ପଞ୍ଚାୟତ ଭାଜପା ସଭାପତି ରବି ଦାସ ଉପସ୍ଥିତ ଥିଲେ।

ସେହି ପରି ମହାକାଳପଡ଼ା ବ୍ଲକ ଖରିନାସୀ ମତ୍ସ୍ୟ ଜେଟିରେ ଅପରାହ୍ନରେ ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗା ପହଞ୍ଚି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ଏକ ସ୍ୱତନ୍ତ୍ର ହାଇପାୱାର ସ୍ପିଡ୍ ବୋଟ୍‌ରେ ସେ ବିଧାୟକ ନାୟକଙ୍କ ସହିତ ମହାନଦୀ, ସମୁଦ୍ର କୂଳରେ ଜଳଯାତ୍ରା କରିଥିଲେ। ଏହି ଅବସରରେ ସେ ବଡିଘର ପଞ୍ଚାୟତ ସଂଲଗ୍ନ ହେନ୍ତାଳ ବଣ, ଲୁଣା ଜଙ୍ଗଲ ପାର୍ଶ୍ୱରେ ଥିବା ନଦୀ ପଠାରେ କୁମ୍ଭୀର ଦେଖି ଖୁସି ହୋଇଥିଲେ। ଗାନ୍ଧୀ ଜୟନ୍ତୀ ଅବସରରେ ଭାଜପାର ସଦସ୍ୟତା ଅଭିଯାନ ଯୋରଦାର କରିବା ପାଇଁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ବିଧାୟକ ଡ.ନାୟକ ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗାଙ୍କୁ ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ପାରମ୍ପରିକ ମତ୍ସ୍ୟଜୀବୀଙ୍କ ସମସ୍ୟା ସମ୍ପର୍କରେ ବିଧାୟକ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ ଏକ ଘଣ୍ଟା ଜଳଯାତ୍ରା ପରେ କେନ୍ଦ୍ରାପଡ଼ା ଫେରି ଯାଇଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଭାଜପାର ବରିଷ୍ଠ ସଦସ୍ୟ ଯୁବନେତା ପ୍ରଶାନ୍ତ କୁମାର ସେଠୀ, ସମିତି ସଭ୍ୟ ରଞ୍ଜନ ଚୌଧୁରୀ, ସମିତି ସଭ୍ୟ ପ୍ରତାପ ଚନ୍ଦ୍ର ଦାସ, ଏମ୍‌ପିଙ୍କ ପ୍ରତିନିଧି ସରୋଜକାନ୍ତ ସାହୁ, ଯୁବନେତା ତରୁଣକାନ୍ତ କାଞ୍ଜିଲାଲ, ରବି ରକ୍ଷିତ, ବଣ୍ଟି ଦେବନାଥ, ଚନ୍ଦ୍ରକାନ୍ତ ସ୍ୱାଇଁଙ୍କ ସମେତ ବହୁସଂଖ୍ୟାରେ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ନିଶା ନିବାରଣ, ସ୍ୱଚ୍ଛ ଭାରତ ସମ୍ପର୍କରେ ଜନସଚେତନତା

ପଟ୍ଟାମୁଣ୍ଡାଇ,୨।୧୦ (କଳ୍ପତରୁ ନାୟକ)

କଳିଙ୍ଗ ନବଦିଗନ୍ତ ସାମାଜିକ ସଙ୍ଗଠନ ସମ୍ପାଦକ ପ୍ରକାଶ ମହାନ୍ତଙ୍କ ନେତୃତ୍ୱରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳନ ସହ ନିଶା ନିବାରଣ ଓ ସ୍ୱଚ୍ଛ ଭାରତ ସମ୍ପର୍କରେ ଜନସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ପକ୍ଷରୁ ପଟ୍ଟାମୁଣ୍ଡାଇ ବାଇପାସ୍‌ଠାରୁ ଏକ ପଦଯାତ୍ରାରେ ବାହାରି ବଜାର ପରିକ୍ରମା କରିବା ସହିତ ନିଶା ନିବାରଣ ଓ ସ୍ୱଚ୍ଛ ଭାରତ ଉପରେ ଜନ ସଚେତନତା ସୃଷ୍ଟି କରାଯାଇଥିଲା। ଏଥିରେ କଳିଙ୍ଗ ନବଦିଗନ୍ତ ସଭାପତି ବିଜୟ ଦାସ, ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ ସଭାପତି ଧନେଶ୍ୱର ଦାସ, ସାବିତ୍ରୀ ସେଠୀ, ପୂର୍ବତନ ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ବର୍ଷିଆନ ନେତା ପାରେଶ୍ୱର ବିଶ୍ୱାଳ, ସିପିଆଇ ଲିବରେଶନ ସମ୍ପାଦକ ଶ୍ରୀକାନ୍ତ ଲେଙ୍କା, ଯୁବ ନେତା ସମୀର ପାତ୍ର, ଅଖିଳ ସୂତାର, ଦାଶରଥି ସାହୁ ସହ ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ଛୁରି ଦେଖାଇ ଛାତ୍ରୀଛାତ୍ରଙ୍କୁ ଅପହରଣ ଉଦ୍ୟମ

ପଟ୍ଟାମୁଣ୍ଡାଇ ୨।୧୦(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଦୋଷିଆ ପଞ୍ଚାୟତ ଆନନ୍ଦପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ମଙ୍ଗଳବାର ୩ଜଣ ଛାତ୍ରୀଛାତ୍ରଙ୍କୁ ଛୁରି ଦେଖାଇ ଅପହରଣ ଉଦ୍ୟମ କରିଥିଲେ। ଅପହରଣକାରୀ ଫେରି ବେପାର କରୁଥିବା ୨ ମହିଳା, ଜଣେ ଯୁବକଙ୍କୁ ଧରି ସ୍ଥାନୀୟ ଲୋକେ ପୋଲିସ ଜିମା ଦେଇଥିଲେ। ଏ ନେଇ ଛାତ୍ରଙ୍କ ବାପା ପ୍ରଦୀପ ରାଉତ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସ୍କୁଲର ସହକାରୀ ଶିକ୍ଷକ ବିକାସ ମଲ୍ଲିକ, ପାଚିକା ବୌଦେଇ ସ୍ୱାଇଁ, ଗ୍ରାମବାସୀ ପ୍ରଦୀପ ସାହୁଙ୍କ କହିବା ଓ ଅଭିଯୋଗ ଅନୁଯାୟୀ ମଙ୍ଗଳବାର ମଧ୍ୟାହ୍ନରେ ଆନନ୍ଦପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଗାଁରୁ ଭୋଜି ଖାଇ ବିଦ୍ୟାଳୟକୁ ଫେରିଥିଲେ। ସେହିପରି ସ୍କୁଲର ଚତୁର୍ଥ ଶ୍ରେଣୀ ଛାତ୍ର ସୁଜିତ ରାଉତ ସ୍ମିତିରାଣୀ ଜେନା ଫେରିବା ବାଟରେ ପ୍ଲାଷ୍ଟିକ ବେପାର କରୁଥିବା ୨ ଜଣ ମହିଳା ଏବଂ ଅଟୋରେ ଥିବା ଜଣେ ବ୍ୟକ୍ତି ସେମାନଙ୍କୁ ଛୁରି ଦେଖାଇଥିଲେ। ଏଥିରେ ସେମାନେ ଭୟରେ ଦୌଡ଼ି ଯାଇ ବିଦ୍ୟାଳୟର ଶିକ୍ଷକଙ୍କୁ ଜଣାଇଥିଲେ। ଶିକ୍ଷକ ଏଭଳି ଏକ ଘଟଣା ଶୁଣିବା ପରେ ଗାଁର କେତେଜଣ ଲୋକଙ୍କୁ ଫୋନ୍ କରି ଜଣାଇଥିଲେ। ଖବରପାଇ ଗାଁର ଲୋକ ଧାଇଁ ଆସିଥିଲେ। ମାତ୍ର ସେଠାରୁ ଅଟୋଟି ଚାଲିଯାଇଥିବାରୁ ଫେରି ବିକ୍ରି କରୁଥିବା ୨ ମହିଳାଙ୍କୁ ଧରି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ୨ ମହିଳା ଓ ଯୁବକଙ୍କୁ ଥାନାକୁ ଆଣି ତଦନ୍ତ ଚଳାଇ ଥିଲା। ମାତ୍ର ଉକ୍ତ ଖବରରେ କୌଣସି ସତ୍ୟତା ନ ଥିବା ଗ୍ରାମର କେତେଜଣ ଲୋକେ ଓ ଛାତ୍ରଙ୍କ ପରିବାର ପକ୍ଷରୁ ଜଣାପଡ଼ିବା ପରେ ସେମାନଙ୍କୁ ଛାଡ଼ି ଦିଆଯାଇଥିବା ଥାନା ପକ୍ଷରୁ ଜଣାପଡ଼ିଛି।

## ବିଜେଡି ସରକାରଙ୍କ ସବୁ ଯୋଜନା ଲୋକାଭିମୁଖୀ ଥିଲା


ବିଜେଡିର ଜନ ସମ୍ପର୍କ ଯାତ୍ରାରେ ଯୋଗଦେଇଥିବା କର୍ମୀ ଓ ନେତା।

### କେନ୍ଦ୍ରାପଡ଼ାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

କେନ୍ଦ୍ରାପଡ଼ା,୨।୧୦(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ଜନସମ୍ପର୍କ ପଦଯାତ୍ରା ବିଜେଡି ପକ୍ଷରୁ ବିଧାୟକ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ବୁଧବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲାର ସମସ୍ୟା ସମ୍ପର୍କରେ ବିଧାୟକ ବେହେରା ଆଲୋକପାତ କରିବା ସହ ବିଜେଡି ସରକାରର ସବୁ ଯୋଜନା ଲୋକାଭିମୁଖୀ ଥିଲା ବୋଲି କହିଛନ୍ତି। ପୂର୍ବାହ୍ନରେ ଏହି ପଦଯାତ୍ରା ସହରର ଗରାପୁରସ୍ଥ ଗାନ୍ଧି ମୂର୍ତ୍ତି ନିକଟରୁ ତିନିମୁହାଣିସ୍ଥିତି ଗାନ୍ଧିଜୀଙ୍କ ପଦଯାତ୍ରା ସ୍ମୃତିପୀଠ ପର୍ଯ୍ୟନ୍ତ ଯାଇଥିଲା। କେନ୍ଦ୍ରାପଡ଼ା ବ୍ଲକ ସଭାପତି ଆଲୋକ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଧାୟକ ବେହେରା ଗାନ୍ଧିଜୀଙ୍କୁ କାର୍ଯ୍ୟାବଳୀ, ଦେଶ ପାଇଁ ଅବଦାନ, ବିଜେଡି ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ବିଭିନ୍ନ ଯୋଜନା ଓ ଭାଜପା ସରକାରଙ୍କର ଜନହିତକାରୀ ଯୋଜନା ପ୍ରଣୟନରେ ବିଳମ୍ବ ଆଦିକୁ ଉପସ୍ଥାପନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଗାନ୍ଧୀବାଦ ଏକ ସ୍ୱତନ୍ତ୍ର ଚିନ୍ତାଧାରା। ଅହିଂସା ଏହାର ମୂଳମନ୍ତ୍ର। ଭାରତର ସମ୍ବିଧାନରେ ଅହିଂସା ଶବ୍ଦକୁ ସ୍ଥାନିତ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ବହୁବାର ଉଦ୍ୟମ କରିଛନ୍ତି। ସମ୍ପ୍ରତି ରାଜ୍ୟ ସରକାର ବିଭିନ୍ନ ଯୋଜନା ଓ ନିର୍ବାଚନ ପ୍ରତିଶ୍ରୁତିକୁ ପାଳନ କରୁନାହାଁନ୍ତି। ଏଥିପାଇଁ ବିଜେଡି ପକ୍ଷରୁ ଜନ ସଚେତନତା କାର୍ଯ୍ୟକ୍ରମ ଜାରି ରହିବ। ଏଥିସହିତ ଜିଲାର ସମସ୍ୟା ସମାଧାନ ପାଇଁ ଉଦ୍ୟମ କରିବ ବୋଲି ସେ ପ୍ରକାଶ କରିଥିଲେ। ଏହି ସଭାରେ ଜିଲା ସଭାପତି ଧିରେନ ସାହୁ, ଜିଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ପୌରାଧ୍ୟକ୍ଷା ରୀତା ସାହୁ, ଜିଲା ଯୁବସଭାପତି ରାଜେଶ ଦାସ, ଯୁବନେତା ରାଜେଶ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।

## ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲ, ବ୍ଲକ୍ କାର୍ଯ୍ୟାଳୟରେ ସ୍ୱଚ୍ଛତା ପକ୍ଷ

ପଟ୍ଟାମୁଣ୍ଡାଇ,୨।୧୦(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲ ଓ ବ୍ଲକ ପରିସରରେ ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ସଫେଇ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନ୍ୱେଷଣ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବିଡିଓ ଶୁଭ୍ରାଂଶୁ ସାହୁ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ସବ୍‌ଡିଭିଜନ ହସ୍ପିଟାଲ ମେଡିକାଲ ଅଫିସର ଡା. ନିରାକାର ପରିଡ଼ା, ବିପିଏମ୍ ପ୍ରଶାନ୍ତ ଜେନା, ପିଏର୍‌ଓ ନୃସିଂହ ଦାଶ, ଅନ୍ୱେଷଣ ସମ୍ପାଦକ ଅନନ୍ତ କର ପ୍ରମୁଖ ଯୋଗଦେଇ ଚାରାରୋପଣ କରିବା ସହ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଉପସ୍ଥିତ ଥିବା ସ୍ୱଚ୍ଛତା ଗ୍ରାହୀ ଯୁଧିଷ୍ଠିର ଜେନା, ବିଘ୍ନେଶ୍ୱର ମଲ୍ଲିକ, ସୂର୍ଯ୍ୟକାନ୍ତ ବାରିକ, ବିଶ୍ୱ ଭୂଷଣ ପଣ୍ଡା, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ରବୀନ୍ଦ୍ର ସ୍ୱାଇଁ, ରାଧିକା ନାୟକ, ସୁଷମା ରାୟ, ମମତା ମଲ୍ଲିକ, ସଞ୍ଜୟ ରାଉତ, ଜିତେନ୍ଦ୍ର ତ୍ରିପାଠୀ ପ୍ରମୁଖ ସଫେଇ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

## ଶାନ୍ତ, ଧର୍ମନିରପେକ୍ଷ ରାଷ୍ଟ୍ର ଗଠନ ପାଇଁ ଆହ୍ୱାନ



ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

### ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

ଡେରାବିଶ,୨।୧୦ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ବୁଧବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ବ୍ଲକ ଅଧୀନ ଗୋଲରାହାଟ ପଞ୍ଚାୟତର ଦୁମୁକାହାଟସ୍ଥିତ ସାଇ ଟ୍ୟୁଟୋରିଆଲରେ ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ସଂଗଠନ ସଭାପତି ଡ.ଭକ୍ତକବି ଦାସ ପୌରୋହିତ୍ୟ କରିଥିଲେ। ଡେରାବିଶ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ଶିକ୍ଷାବିତ୍ ଗୌରାଙ୍ଗ ଚରଣ ସାହୁ ଓ ସ୍ଥାନୀୟ ପଞ୍ଚାୟତର ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଏହି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହ ସଶକ୍ତ, ସୁଦୃଢ, ଶାନ୍ତ ଓ ଧର୍ମନିରପେକ୍ଷ ଭାରତ ଗଠନ ପାଇଁ ବାପୁଜୀ ଓ ଶାସ୍ତ୍ରୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ କାମ କରିବାକୁ ଆହ୍ୱାନ କରିଥିଲେ। ସାଂସ୍କୃତିକ ସଙ୍ଗଠନ ସମ୍ପାଦକ ଅଧ୍ୟାପକ ଗୁରୁଚରଣ ସେଠୀ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ। ପୂର୍ବତନ ସରପଞ୍ଚ ବିପିନ ବିହାରୀ ସାହୁ ଓ ପୂର୍ଣ୍ଣାନନ୍ଦ ବେହେରା, ସଙ୍ଗଠନ କର୍ମକର୍ତ୍ତା ନୀଳମଣୀ ବେହେରା, ରତ୍ନମଞ୍ଜରୀ ଦାଶ, ମରୁତ ସ୍ୱାଇଁ, ଖୁରସିଦ୍ ଆଲମ ଖାଁ, ଧରଣୀଧର ପ୍ରଧାନ, ଚିତ୍ତରଞ୍ଜନ ଦାଶ, ପ୍ରଭାକର ଲେଙ୍କା, ସଂଗଠନ ସଦସ୍ୟ ଅନୁପ କୁମାର ରାଉତ, ଲକ୍ଷ୍ମୀକାନ୍ତ ଜେନା, ଚିତ୍ତରଞ୍ଜନ ମହାନ୍ତି ଓ ରାମଚନ୍ଦ୍ର ସେନାପତି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସାହାଜାନ ଖାଁ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଶା ନିବାରଣ ପାଇଁ ସଚେତନତା ଶୋଭାଯାତ୍ରା


ନିଶା ନିବାରଣ ପାଇଁ ଆୟୋଜିତ ସଚେତନତା ଶୋଭାଯାତ୍ରା।

ଆଳି,୨।୧୦(ବନମାଳୀ ସେନାପତି)

ମଦମୁକ୍ତ ଓଡ଼ିଶା ଗଠନ କରିବା ଦାବି ନେଇ ଗାନ୍ଧୀ ଜୟନ୍ତୀ ଅବସରରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଆଳି ଶାଖା ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶାଖାର ସଭାପତି ଲକ୍ଷ୍ମୀଧର ଦୀକ୍ଷିତଙ୍କ ନେତୃତ୍ୱରେ ସଦସ୍ୟମାନେ ଆଳି ଲକ୍ଷ୍ମୀବରାହ ଜୀଉ ମନ୍ଦିର ସମ୍ମୁଖରୁ ଏକ ଶୋଭାଯାତ୍ରାରେ ବାହାରି ନିଶା ବନ୍ଦ ନିମନ୍ତେ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ଆଳି ବଜାର ପରିକ୍ରମା କରିଥିଲେ। ଶେଷରେ ସେମାନେ ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡ଼ିଓଙ୍କ ମାଧ୍ୟମରେ ପ୍ରଦାନ କରିଛନ୍ତି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ସଚେତନ ନାଗରିକ ସାମିଲ ହୋଇଥିଲେ। ପ୍ରଜାପିତା ବ୍ରହ୍ମାକୁମାରୀର ମହିଳାମାନଙ୍କ ସହିତ ଆଳି ଆଇଟିଆଇ, ସତ୍ୟସାଇ ଶିକ୍ଷାନୁଷ୍ଠାନ, ମାନବ ଅଧିକାର, ରାଷ୍ଟ୍ରୀୟ ସ୍ୱୟଂସେବକ, ଆଳି ନାଗରିକ ମଞ୍ଚ, ଅବସରପ୍ରାପ୍ତ କର୍ମଚାରୀ, ମିଶନଶକ୍ତି, ପାଚିକା ସଂଘ, ଯାଦବ ମହାସଂଘ, କ୍ଷତ୍ରିୟ ଖଣ୍ଡାୟତ ମହାସଂଘର ସଦସ୍ୟମାନେ ଯୋଗଦାନ କରିଥିଲେ। ଜିଲା ସଙ୍ଗଠନର ଅର୍ଚ୍ଚନା ନାୟକ, କାଞ୍ଚନବାଳା ସ୍ୱାଇଁ ପ୍ରମୁଖ ଏହି ଶୋଭାଯାତ୍ରା ପରିଚାଳନା କରିଥିଲେ।

## ମହାତ୍ମା ଗାନ୍ଧୀ, ଶାସ୍ତ୍ରିଜୀଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା,୨।୧୦(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହରର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ଜିଲା ଓ ବ୍ଲକ ପ୍ରଶାସନ, ପୌରପାଳିକା ଓ ଶିକ୍ଷାନୁଷ୍ଠାନ ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ସର୍ବଧର୍ମ ପ୍ରାର୍ଥନା ସଭା, ଚାରାରୋପଣ, ଗାନ୍ଧୀ ବିଚାରର ଆଲୋଚନାଚକ୍ର ଆଦି ଅନୁଷ୍ଠିତ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ପ୍ରତ୍ୟୁଷରେ ରାମ ଧୂନ ପ୍ରଚାର ସହ ବିଭିନ୍ନ ସ୍ଥାନରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସହରର ତିନିମୁହାଣୀ, ପୁରୁଣା ବସଷ୍ଟାଣ୍ଡ, ଗରାପୁର ଆଦି ସ୍ଥାନରେ ଗାନ୍ଧୀ ପଦଯାତ୍ରା ସ୍ମୃତି ପରିଷଦ ଓ ଜିଲା ପ୍ରଶାସନ ପକ୍ଷରୁ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଏଡିଏମ୍ ନିଲୁ ମହାପାତ୍ର, ଉପଜିଲାପାଳ ରବିନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ। ଜିଲା ପରିଷଦ ଗୃହ ପରିସରରେ ଗାନ୍ଧିଜୀଙ୍କ ବିଚାର ଧାରା ଓ ଶାସ୍ତ୍ରିଜୀଙ୍କ ଦେଶ ପାଇଁ ଅବଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଧାୟକ ଶଶିଭୂଷଣ ବେହେରା, ବିଜେଡି ଜିଲା ସଭାପତି ଧୀରେନ ସାହୁ, ଜିଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ପୌରାଧ୍ୟକ୍ଷା ସରିତା ସାହୁ, ଜିଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ଯୁବ ନେତା ରାଜେଶ ପଣ୍ଡା ପ୍ରମୁଖ ସହରର ବିଭିନ୍ନ ସ୍ଥାନରେ ଥିବା ଦେଶର ବରପୁତ୍ରଙ୍କୁ ମାଲ୍ୟାର୍ପଣ କରିଥିଲେ। ଜିଲା ଭାଜପା ପକ୍ଷରୁ ସଭାପତି କିଶୋର ଚନ୍ଦ୍ର ପଣ୍ଡା, ବରିଷ୍ଠ ନେତ୍ରୀ ଗୀତାଞ୍ଜଳି ସେଠୀଙ୍କ ନେତୃତ୍ୱରେ ଗାନ୍ଧିଜୀ ଓ ଶାସ୍ତ୍ରିଜୀଙ୍କ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସାମାଜିକ ସେବାରେ ସମୟ ଦେଇଥିଲେ। ଗାନ୍ଧିଜୀ ପଦଯାତ୍ରା ସ୍ମୃତି କମିଟି ପକ୍ଷରୁ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ହୋଇଥିଲା। ଏଥିରେ କର୍ମକର୍ତ୍ତା ଅଜୟ କୁମାର ସାମଲ, ରାଜେଶ ପଣ୍ଡା ପ୍ରମୁଖ ନେତୃତ୍ୱ ନେଇଥିଲେ। ସେହିପରି କଂଗ୍ରେସ ଭବନ, ଦୁହୁରିଆସ୍ଥିତ ଭାଜପା ଜିଲା କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନରେ ଗାନ୍ଧିଜୀ ଓ ଶାସ୍ତ୍ରିଜୀଙ୍କ ଜୟନ୍ତୀ ପାଳନ କରାଯାଇଥିଲା।

## ଛାତ୍ରୀଛାତ୍ରଙ୍କ ପ୍ରତିଭାର ବିକାଶ ପାଇଁ ସୁରଭି ବାଟ ଦେଖାଏ



କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଜକନିକା,୨।୧୦(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଜରିସାହି ଆଞ୍ଚଳିକ ସାଧନକେନ୍ଦ୍ର ପକ୍ଷରୁ ଜରିସାହି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର କ୍ଲଷ୍ଟରସ୍ତରୀୟ ଶିଶୁ ଉତ୍ସବ ସୁରଭି-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସାଧନକେନ୍ଦ୍ର ଅଧୀନ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ସୃଜନଶୀଳ ଲିଖନ, ଚିତ୍ରାଙ୍କନ, ସୁନ୍ଦର ହସ୍ତାକ୍ଷର, ତର୍କ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିଭାଗ ସିଆରସିସି ଖଗେଶ୍ୱର ପଢ଼ିହାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜକନିକା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, ମୁଖ୍ୟବକ୍ତା ଭାବେ ଶିକ୍ଷକ ପ୍ରଶିକ୍ଷିକା ଜିଲା ଶିକ୍ଷା ପ୍ରଶିକ୍ଷଣ ଓ ପ୍ରତିଷ୍ଠାନ, କେନ୍ଦ୍ରାପଡ଼ା, ବାଲିଆ ମୋନାଲିସା ସେଠୀ ଓ ସମ୍ମାନୀତ ଅତିଥି ଭାବେ କଣ୍ଟପଡା ଗ୍ରାମ ପଞ୍ଚାୟତ ସରପଞ୍ଚ ବିଜୟାଲକ୍ଷ୍ମୀ ବେହେରା, ଜରିସାହି ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମିତ କୁମାର ନାୟକ, ପୂର୍ବତନ ପ୍ରଧାନ ଶିକ୍ଷକ କଳ୍ପତରୁ ବିଶ୍ୱାଳ, ଅଜାମ୍ବର ତରାଇ, ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପରିଡା, ସୁଶ୍ରୀ ଦେବୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ରାଉଳ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସୁରଭି ସୁଯୋଗ ଆଣିଥାଏ ବୋଲି ମତବ୍ୟକ୍ତ କରିଥିଲେ।

ଦ୍ୱିତୀୟ ପର୍ଯ୍ୟାୟ ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବ ପର୍ବରେ ମୁଖ୍ୟ ଅତିଥି ଭାବେ ଏବିଇଓ ତଥା ବିଆରସିସି କୈଳାସ ଚନ୍ଦ୍ର ସାହୁ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ବିଚାରକ ଭାବେ ଅବସରପ୍ରାପ୍ତ ଶିକ୍ଷକ କାଳିପ୍ରସାଦ ନାୟକ, ନାଟ୍ୟ ନିର୍ଦ୍ଦେଶକ ଗୟାଧର ନାଥ, ସଂଗୀତଜ୍ଞ ପ୍ରଭାକର ପାତ୍ର, ରବୀନ୍ଦ୍ର ମୋହନ ଶତପଥୀ, ଅବସରପ୍ରାପ୍ତ ଶିକ୍ଷକ ପ୍ୟାରୀ ମୋହନ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ଦାମୋଦର ଧଳ, ଅବସରପ୍ରାପ୍ତ ଶିକ୍ଷକ ଫକୀର ମୋହନ ନାୟକ, ହରଗୋବିନ୍ଦ ମଣ୍ଡୁଆଳ, ସହଦେବ ନାୟକ, ରଞ୍ଜନ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ସାଧନ କେନ୍ଦ୍ର ଜରିସାହି କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ସବ ଜୁନିୟର, ଜୁନିୟର ଓ ସିନିୟର ବିଭାଗରେ ମୋଟ ୨୨ଟି ବିଭାଗରୁ ୨ଶହ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

## ସରକାରୀ ବିଫଳତା ବିରୋଧରେ ବିଜେଡିର ରଣହୁଙ୍କାର

### ପଟ୍ଟାମୁଣ୍ଡାଇ ବିଜେଡିର ଜନସମ୍ପର୍କ ପଦଯାତ୍ରା

ପଟ୍ଟାମୁଣ୍ଡାଇ,୨।୧୦ (କଳ୍ପତରୁ ନାୟକ)


ଜନ ସମ୍ପର୍କ ଯାତ୍ରାରେ ଯୋଗଦେଇଥିବା ବିଜେଡି କର୍ମୀ ଓ ନେତୃବୃନ୍ଦ।

ପଟ୍ଟାମୁଣ୍ଡାଇ ବ୍ଲକ ଓ ନଗର ବିଜେଡି ପକ୍ଷରୁ ବୁଧବାର ଜନସମ୍ପର୍କ ପଦଯାତ୍ରା ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ପରିସରରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଶତାଧିକ କର୍ମୀ ପଦଯାତ୍ରା କରି ସହରରେ ଥିବା ବିଭିନ୍ନ ୱାର୍ଡ ପରିକ୍ରମା କରି ଭାଜପା ସରକାରଙ୍କ ବିଫଳତା, ମିଥ୍ୟା ପ୍ରତିଶ୍ରୁତି ଓ ପ୍ରବଞ୍ଚନା ବିରୋଧରେ ଜନସଚେତନତା ସୃଷ୍ଟି କରାଯାଇଥିଲା। ଆଇନଶୃଙ୍ଖଳା, ଦରଦାମ ବୃଦ୍ଧି ଆଦି ବିଭିନ୍ନ ସରକାରୀ ବିଫଳତା ବିରୋଧରେ ରଣହୁଙ୍କାର ଦେଇ ସହର ପରିକ୍ରମା କରିବା ସହ ଆମ୍ବେଡକର ଛକରେ ପହଞ୍ଚିଥିଲେ। ସେଠାରେ ଡା. ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ବାଇପାସ୍ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଏକ ପଥପ୍ରାନ୍ତ ସଭା ଆୟୋଜନ କରାଯାଇଥିଲା। ଉକ୍ତ ସଭାକୁ ପଟ୍ଟାମୁଣ୍ଡାଇ ନଗର ଯୁବ ବିଜେଡି ସଭାପତି ଅଶୋକ ଧଳ ପରିଚାଳନା କରିଥିଲେ। ଏଥିରେ ବିଧାୟକ ସାହୁ ବିଜେଡିର ଜନସମ୍ପର୍କ ପଦଯାତ୍ରା ପରିପ୍ରେକ୍ଷୀରେ ଉଦ୍‌ବୋଧନ ରଖି କହିଥିଲେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗାନ୍ଧୀବାଦରେ ବିଶ୍ୱାସ ରଖିବା ସହ ଭାରତ ସମ୍ବିଧାନର ମୁଖ୍ୟ ବନ୍ଧରେ ଅହିଂସା ଶବ୍ଦକୁ ସ୍ଥାନିତ କରିବାକୁ ଭାରତ ସରକାରଙ୍କୁ ପ୍ରସ୍ତାବ ରଖିବା ତାଙ୍କର ଗାନ୍ଧୀଙ୍କ ପ୍ରତି ସମ୍ମାନ ଓ ଶ୍ରଦ୍ଧାର ପରିଚୟ ଦିଏ।

ବିଜେଡିର ଜନ ମଙ୍ଗଳକାରୀ ଯୋଜନାଗୁଡ଼ିକୁ ନେଇ ଲୋକମାନଙ୍କ ପାଖରେ ପହଞ୍ଚାଇବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ଜିଲା ବିଜେଡି ସାଧାରଣ ସମ୍ପାଦକ ଶ୍ରୀକାନ୍ତ ରାଉତ, ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ଜିଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ବରିଷ୍ଠ ନେତା ଅମୂଲ୍ୟ ପ୍ରଧାନ, ବ୍ଲକ ଯୁବ ବିଜେଡି ସଭାପତି କୈଳାସ ସିଂ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ଜୟନ୍ତୀ ସ୍ୱାଇଁ, ନଗର ମହିଳା ବିଜେଡି ସଭାପତି ଲାସ୍ୟମୟୀ ସାହୁ, ଛାତ୍ର ବିଜେଡି ସଭାପତି ଦେବାଶିଷ ନାୟକ, ବ୍ଲକ ବିଜେଡି ଉପସଭାପତି ସର୍ବେଶ୍ୱର ମହାନ୍ତି, ସାଧାରଣ ସମ୍ପାଦକ କଳାକାର ପ୍ରଧାନ, ଲଲାଟେନ୍ଦୁ ସ୍ୱାଇଁ, ବାରେଣୀ ସେଠୀ, କାଉନ୍‌ସିଲର ପ୍ରଶାନ୍ତ ବାରିକ, ମୃତ୍ୟୁଞ୍ଜୟ ପାଢ଼ୀ, ଲକ୍ଷ୍ମୀପ୍ରିୟା ସାହୁ, ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ, ବିଜୁ ଯୁବ ବାହିନୀ ସଭାପତି ସଂଗ୍ରାମ ସ୍ୱାଇଁ, ସମ୍ପାଦକ ଦିଲୀପ ସାହୁ ପ୍ରମୁଖ ବହୁ ବିଜେଡି ନେତା, କର୍ମକର୍ତ୍ତା, ଜିଲାପରିଷଦ, ସରପଞ୍ଚ, ସମିତି ସଭ୍ୟ, କାଉନ୍‌ସିଲର ପଦଯାତ୍ରାରେ ସାମିଲ ହୋଇ ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲେ।

**ସଂକ୍ଷେପରେ**

## ଗ୍ରାମ ସଭାରେ ପାନୀୟ ଜଳ ସମସ୍ୟା ଉଠାଇଲେ ଲୋକେ

ନୂଆଗଡ,୨।୧୦(ଯୋଗ୍ୟବନ୍ତ ପରିଛା)

ଗଜପତି ଜିଲା ନୂଆଗଡ ବ୍ଲକ ଅନ୍ତର୍ଗତ ଖ. ଝାଲରସିଂ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମ ସଭା ଅନୁଷ୍ଠିତ ହୋଇଛି। ଏଥିରେ ଅତିଥି ଭାବେ ସରପଞ୍ଚ ସରିତା ମଣ୍ଡଳ, ସମିତିସଭ୍ୟା ସୁନିତା ପରିଛା, ନାଏବ ସରପଞ୍ଚ ମାନସ ପାଣି, ଗ୍ରାମ ସେବକ ପରମାନନ୍ଦ ଭୂୟାଁ, ଏଡିଓ ପ୍ରଭାତ ରଥ, ୱାର୍ଡସ୍ୱଭ୍ୟ ମିନସୀ ମଣ୍ଡଳ, ସ୍ୱିଟି ପରିଛା, ନିର୍ମଳ ପରିଛା, ଚାନ୍ଦେନି ଲିମା, ଯୋଗାଣ ସହାୟକ ସୁଲଭ ପାତ୍ର ଉପସ୍ଥିତ ଥିଲେ। ପଞ୍ଚାୟତର ଖ. ଝାଲରସିଂ, ଗୁରୁଡ଼ବ, ଝାଗିଡି, ବୁଦ୍ଦୁପଡା ଗ୍ରାମର ଅଙ୍ଗନୱାଡି, ଆଶାକର୍ମୀ, ଗ୍ରାମ ସାଥୀ ଏବଂ ମିଶନ ଶକ୍ତି କର୍ମଚାରୀ, ଓ ଜନସାଧାରଣ ଉପସ୍ଥିତ ଥିଲେ। ଗ୍ରାମସଭାରେ ପାନୀୟ ଜଳ, ପରିବେଶ ସ୍ୱଚ୍ଛତା, ଡ୍ରେନ ସଫା, ପ୍ରଧାନମନ୍ତ୍ରୀ ଆବାସ ଏବଂ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ଉପସ୍ଥିତ ଜନସାଧାରଣ ପାନୀୟ ଜଳ ସମସ୍ୟା ନେଇ ପାଟିତୁଣ୍ଡ କରି ସମସ୍ୟା ସମାଧାନ ନ ହେଲେ ପଞ୍ଚାୟତରେ ତାଲା ପକେଇବୁ ଚେତାବନୀ ଦେଇଥିଲେ। ସରପଞ୍ଚ ସରିତା ମଣ୍ଡଳ ଆଗାମୀ ଦିନରେ ପାନୀୟ ଜଳ ସମସ୍ୟା ସମାଧାନ କରବାକୁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

## ସୁରଟରେ ଓଡ଼ିଆ ଶ୍ରମିକ ମୃତ

ପାତ୍ରପୁର,୨।୧୦(ଉମା ଚରଣ ନେପାକ)

ଜରଡ଼ା ଗ୍ରାମର ଜଣେ ଯୁବକ ଦାଦନ ଖଟିବାକୁ ଯାଇଥିବା ବେଳେ ସୁରଟରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଶିବ ଦାଶ। ଶିବ ସୁରଟ ଯାଇ ଏକ କମ୍ପାନୀରେ କାର୍ଯ୍ୟ କରୁଥିଲେ। ସୋମବାର ତାଙ୍କ ଛାତିରେ ଯନ୍ତ୍ରଣା ହୋଇ ସେ ଅସୁସ୍ଥ ହେଇପଡିଥିଲେ। ତାଙ୍କ ପାଖରେ ରହୁଥିବା ସାଙ୍ଗମାନେ ତାଙ୍କୁ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ଶିବଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ତାଙ୍କ ମୃତଦେହ ଗ୍ରାମକୁ ଆଣି ସତ୍କାର କରାଯାଇଛି।

## ଚୋରା କାଠ ଜବତ

ମୋହନା,୨।୧୦(ମନ୍ମଥ ମିଶ୍ର)

ମୋହନା ବନ ବିଭାଗ ଶାଳ ଓ ଶିରିଶି କାଠ ଜବତ କରିଛି। ବୁଧବାର କର୍ଚ୍ଚବାଡି ପଞ୍ଚାୟତର ଜେଗରସିଂ ଗାଁ ନିକଟସ୍ଥ ଜଙ୍ଗଲରେ କାଠ କଟାଯାଇ ଗଚ୍ଛିତ ଥିବା ମୋହନା ବନ ବିଭାଗ ଖବର ପାଇ ଚଢ଼ାଉ କରି ଶିରିଶି କାଠ ୧୬ଟି ଓ ଶାଳ କାଠ ୧୩ଟି ଜବତ କରିଥିଲା। ଜବତ କାଠର ଆନୁମାନିକ ବଜାର ଦର ୩୦ ହଜାର ଟଙ୍କା ହେବ ବୋଲି ସୂଚନା ମିଳିଛି। ଚଢ଼ାଉରେ ମୋହନା ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀକାନ୍ତ ବିଷୋୟୀ, ମୋହନା ବନପାଳ ଦେବାଶିଷ ଶତପଥି, ଅଡବା ବନପାଳ ସନ୍ତୋଷ କୁମାର ପାଣିଗ୍ରାହୀ, ପାଣିଗଣ୍ଡା ବନପାଳ ରମାକାନ୍ତ ରଇତ ପ୍ରମୁଖ ସାମିଲ ଥିଲେ।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ

ରାମଗିରି,୨।୧୦(ବୃନ୍ଦାବନ ଗୌଡ଼)

ଆର.ଉଦୟଗିରି ବ୍ଲକ ରାମଗିରି ପଞ୍ଚାୟତ ହାଇସ୍କୁଲ ପଡିଆରେ ପୋଲିସ କ୍ଲବ ଏବଂ ମେଡିକାଲ କ୍ଲବ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେଡିକାଲ କ୍ଲବ ବିଜୟୀ ହୋଇଛି। ପ୍ରଥମେ ପୋଲିସ ଦଳ ବ୍ୟାଟିଂ କରି ୧୦୭ ରନ କରିଥିଲା। ମେଡିକାଲ ଦଳ ୧୦୮ ରନ କରି ବିଜୟୀ ହୋଇଥିଲା। ପୋଲିସ କ୍ଲବର କ୍ୟାପଟେନ ରୂପେ ଜି. ଗଜପତି ଦୋରା ଏବଂ ମେଡିକାଲ କ୍ଲବର କ୍ୟାପଟେନ ରୂପେ ବ୍ରଜରାଜ କର ଦାୟିତ୍ୱ ତୁଲାଇଥିଲେ।

## ରକ୍ତଦାନ କଲେ ୫୦ ଯବାନ

ଭଞ୍ଜନଗର,୨।୧୦(ବାବୁଲା ପ୍ରଧାନ)

ବେଲଗୁଣ୍ଠା ବ୍ଲକ ତନରଡ଼ା ଆଇଆର୍‌ବି ସତନ୍ତ୍ର ବାଟାଲିୟନ ପରିସରରେ ବୁଧବାର ରକ୍ତଦାନ ଅନୁଷ୍ଠିତ ଶିବିରରେ ୫୦ ଜଣ ଯବାନ ରକ୍ତଦାନ କରିଛନ୍ତି। ଏହି ଶିବିରକୁ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଉଦ୍‌ଘାଟନ କରିଥିଲେ। ଦୁର୍ଗପତି ବିଭୂତି ଭୂଷଣ ପରିଡା,ଉପ ଦୁର୍ଗପତି ଲଳିତ ବାଘ, ମେଡିକାଲ ଅଧୀକ୍ଷକ ହିମାଂଶୁ ଶେଖର ଶତପଥୀ ଅତିଥି ଭାବେ ଉପସ୍ଥିତ ଥିଲେ। ସହକାରୀ ଦୁର୍ଗପତି ହେମନ୍ତ ଦାସ, ରଞ୍ଜିତ ବାର୍ଲା,ମନୋରଞ୍ଜନ ତରେଇ , ସନ୍ତୋଷ ସାହୁ,ଅତିଶ ସାହୁ, ନିରୀକ୍ଷକ ଶଙ୍କର ଲାଲ ପ୍ରଧାନ, ଧନୁର୍ଜୟ ପ୍ରଧାନ ଶିବିର ପରିଚାଳନା କରିବାରେ ସହଯୋଗ କରିଥିଲେ।

# ପରିବେଶ ସ୍ୱଚ୍ଛ ରହିଲେ ପ୍ରଗତି ହେବ: ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ



ବୈଠକରେ ଉପସ୍ଥିତ ମନ୍ତ୍ରୀ ଓ ଅନ୍ୟମାନେ।

ଛତ୍ରପୁର,୨।୧୦
(ଦିଲ୍ଲୀପ ସାମଲ/ସନ୍ତୋଷ ପାଢ଼ୀ)

- ଗଞ୍ଜାମ ଜିଲାସ୍ତରରେ ସ୍ୱଚ୍ଛ ଭାରତ ଦିବସ ପାଳିତ
- ବିକାଶକୁ ଉପଭୋଗ କରିବା ପାଇଁ ସଂସ୍କାର ଆବଶ୍ୟକ: ମନ୍ତ୍ରୀ ବିଭୂତି

ଗଞ୍ଜାମ ଜିଲାସ୍ତରୀୟ ସ୍ୱଚ୍ଛ ଭାରତ ଦିବସ ବୁଧବାର ଛତ୍ରପୁରସ୍ଥିତ ଜିଲା ପରିଷଦ ଋଷିକୁଲ୍ୟା ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରେରଣା ଯୋଗୁ ସମସ୍ତେ ସ୍ୱଚ୍ଛତା ଅଭିଯାନରେ ସାମଲ ହେଉଛନ୍ତି। ଆମ ପରିବେଶ ସ୍ୱଚ୍ଛ ରହିଲେ ପବିତ୍ରତା ଆପେ ଦେଖାଯିବ ଏବଂ ସମାଜ ପ୍ରଗତି ଦିଗରେ ଗତି କରିବ । ଆମ ମାନସିକତାର ବିକାଶ କରି ସମସ୍ତଙ୍କ ସହଯୋଗ ନେଇ ସ୍ୱଚ୍ଛତା ବଜାୟ ରଖିଲେ ବିକଶିତ ଭାରତର ସ୍ୱପ୍ନ ସାକାର ହେବ। ଜିଲାର ଛତ୍ରପୁର, ଆସିକା ଓ ଭଞ୍ଜନଗର ଯଦି ପୌରପାଳିକା ମାନ୍ୟତା ପାଇଁ ସମସ୍ତ ମାନଦଣ୍ଡ ପୂରଣ କରିବ ତେବେ ଏହା ପୌରପାଳିକା ହେବ ବୋଲି ମନ୍ତ୍ରୀ ଉପସ୍ଥିତ ଏମ୍‌ପି, ମନ୍ତ୍ରୀ ଏବଂ ବିଧାୟକ ମାନଙ୍କ ଅନୁରୋଧ ରକ୍ଷା କରି ଜଣାଇଥିଲେ ।

ଅନ୍ୟତମ ଅତିଥି ଭାବେ ବାଣିଜ୍ୟ ଓ ପରିବହନ ଏବଂ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ କହିଥିଲେ, ମହିଳାମାନଙ୍କ ସହଭାଗିତାରେ ସ୍ୱଚ୍ଛତାର ପରିଚାଳନା ହେଉଛି, ସେମାନେ ସ୍ୱାବଲମ୍ବୀ ହୋଇପାରୁଛନ୍ତି। ବିକାଶକୁ ଉପଭୋଗ କରିବା ପାଇଁ ଆମ ଭିତରେ ସଂସ୍କାରର ଆବଶ୍ୟକତା ରହିଛି ବୋଲି ସେ ମତ ଦେଇଥିଲେ । ବ୍ରହ୍ମପୁର ଏମ୍‌ପି ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଛତ୍ରପୁର ଏନ୍‌ଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ଯୋଗଦେଇ ବକ୍ତ୍ୟବ୍ୟ ସେମାନଙ୍କ ବକ୍ତ୍ୟବ ରଖିଥିଲେ। ଜିଲାପାଳ ଦିବ୍ୟଜ୍ୟୋତି ପରିଡା ସ୍ୱାଗତ ଭାଷଣରେ ସ୍ୱଚ୍ଛ ଭାରତ ମିଶନ ବିଭିନ୍ନ ସରକାରୀ ହସ୍ତକ୍ଷେପ ମାଧ୍ୟମରେ ସହରାଞ୍ଚଳର ମହିଳାଙ୍କ ସମ୍ମାନରେ ଉନ୍ନତି ଆଣିବା ସହ ସ୍ଥାନୀୟ ଅଞ୍ଚଳର ସୌନ୍ଦର୍ଯ୍ୟ ଏବଂ ସାମଗ୍ରିକ ଜୀବନର ଗୁଣବତ୍ତା ବୃଦ୍ଧି କରିଛି ବୋଲି କହିଥିଲେ। ଜିଲାରେ ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷରେ ୧୦୮ଟି ଜଳାଶୟକୁ ସହରାଞ୍ଚଳରେ ଉନ୍ନତି ନିମନ୍ତେ ପଦକ୍ଷେପ ନେଇଥିବା ସ୍ଥଳେ ସେଥି ମଧ୍ୟରୁ ୨୪ଟି ଜଳାଶୟକୁ ଅମୃତ ୨.୦ ଅଧୀନରେ ନିଆଯାଇଛି। ଏହି ପ୍ରକ୍ରିୟାରେ ପ୍ରାୟ ୨୪୦ଟି ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଳାଶୟଗୁଡ଼ିକର ପୁନରୁଦ୍ଧାର ପାଇଁ ସାମିଲ ହୋଇଛନ୍ତି। କେବଳ ସେତିକି ନୁହେଁ, ୨୦୨୪ ଡିସେମ୍ବର ଶେଷ ସୁଦ୍ଧା ବଛାବଛା ଜଳାଶୟ ଗୁଡ଼ିକର ଅଧିକାଂଶ ପୁନରୁଦ୍ଧାର କାର୍ଯ୍ୟ ଶେଷ ହୋଇ ସ୍ଥାନୀୟ ସମୁଦାୟକୁ ବ୍ୟବହାର ପାଇଁ ହସ୍ତାନ୍ତର କରାଯିବା ଲକ୍ଷ୍ୟ ରଖା ଯାଇଛି ବୋଲି ଜଣାଇଥିଲେ । ୱାଟକୋର ଅଧିକାରୀ ରତିନ୍ଦ୍ର ମଲ୍ଲନାଥ ମଲ୍ଲିକ ବୈଠକ ପରିଚାଳନା କରିଥିବା ବେଳେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ମଧୁମିତା ମଞ୍ଚାସୀନ ଥିଲେ ।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ଶ୍ରମଦାନ କଲେ ମନ୍ତ୍ରୀ




ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ମନ୍ତ୍ରୀ ଗୋକୁଳାନନ୍ଦ।

ବୁଗୁଡ଼ା,୨।୧୦(କାଳିଚରଣ ଦାଶ)

ସ୍ୱାଧୀନତା ଆନ୍ଦୋଳନର ମୁଖ୍ୟ ପୁରୋଧା ତଥା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ଯୁବସାଥୀଙ୍କ ସହ ବୁଗୁଡ଼ା ବ୍ଲକର ପ୍ରସିଦ୍ଧ ଶୈବପୀଠ ତଥା ପର୍ଯ୍ୟଟନ ସ୍ଥଳୀ ବୁଦ୍ଧଖୋଲ ପରିସରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇ ଶ୍ରମଦାନ କରିଥିଲେ। ଏହି ଅବସରରେ ସେ ଜନସାଧାରଣଙ୍କୁ ସ୍ୱଚ୍ଛତା ରହିବା ସହ ନିଜ ପରିବେଶକୁ ସ୍ୱଚ୍ଛ ରଖିବାକୁ ଆହ୍ୱାନ ଦେଇଥିଲେ। ବୁଗୁଡ଼ା ଏନଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ବନାଞ୍ଚଳ ଅଧିକାରୀ ପ୍ରଦୀପ ମିଶ୍ର, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଯୁବକମାନେ ଉପସ୍ଥିତ ଥିଲେ।

# ସମସ୍ତେ ବଞ୍ଚିବାକୁ ହେଲେ ପ୍ରକୃତିର ସୁରକ୍ଷା ଲୋଡ଼ା

**ଭଞ୍ଜନଗର,୨।୧୦(ବାବୁଲା ପ୍ରଧାନ):** ବନ୍ୟପ୍ରାଣୀ ଏବଂ ମନୁଷ୍ୟ ମଧ୍ୟରେ ବିଭିନ୍ନ ସମୟରେ ଲଢେଇ ହେଉଛି। ଏହାକୁ କିଭଳି ରୋକାଯିବ ସେଥିପାଇଁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଲୋକ ପ୍ରତିନିଧିମାନଙ୍କୁ ନେଇ ଏକ କୋର କମିଟି ଗଠନ କରିବା ପାଇଁ ନିର୍ଦ୍ଦେଶ ଥିଲା। ସେହି କ୍ରମରେ ସ୍ଥାନୀୟ ଘୁମୁସର ଉତ୍ତର ବନଖଣ୍ଡ ପକ୍ଷରୁ ଗଠିତ କୋର କମିଟିର ପ୍ରଥମ ବୈଠକ ବୁଧବାର ଲାଲସିଂ ନର୍ସରୀ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଡିଏଫଓ ହିମାଂଶୁ ଶେଖର ମହାନ୍ତି ଅଧ୍ୟକ୍ଷତା କରିଥିଲେ। କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତେ ବଞ୍ଚିବାକୁ ହେଲେ ପ୍ରକୃତିର ସୁରକ୍ଷା ଲୋଡ଼ା ବୋଲି କହିଥିଲେ। ମଣିଷଙ୍କ ସହ ହାତୀ ଓ ଅନ୍ୟାନ୍ୟ ପ୍ରାଣୀମାନଙ୍କୁ ମଧ ବଞ୍ଚିବାକୁ ପଡିବ । ତାହାହେଲେ ଯାଇ ପ୍ରକୃତିର ସୁରକ୍ଷା ହୋଇପାରିବ। ଏଥିପ୍ରତି ସମସ୍ତେ ସଚେତନ ହେବାକୁ ପାଣିଗ୍ରାହୀ ଉପସ୍ଥିତ ଲୋକଙ୍କୁ ଆହ୍ୱାନ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏସିଏଫ ବିବେକ କୁମାର ଦାସ, ଭାଜପା ନେତା ନୀଳ ମାଧବ ପାତ୍ର, କୋର କମିଟି ସଭ୍ୟ ରମେଶ ପାତ୍ର, ରାଜୁ ପ୍ରଧାନ, ନୀଳାଚଳ ଖିଲାର, ଏମ୍‌ପି ପ୍ରତିନିଧି ସନ୍ତୋଷ ତିଆଡି, ପୂର୍ବତନ ଅବୈତନିକ ବନ୍ୟ ପ୍ରାଣୀ ତତ୍ତ୍ୱାବଧାରକ ସୁରେଶ ସ୍ୱାଇଁ, ଜିଲା ପରିଷଦ ସଭ୍ୟ , ରେଞ୍ଜର ବିମ୍ବାଧର ସାହୁ , ଆଶାଲତା ଦିଗାଲ, ସୁଜତା ରାଣୀ ପଣ୍ଡା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।



ବୈଠକରେ ଉପସ୍ଥିତ ସଭ୍ୟ ଏବଂ ଅନ୍ୟମାନେ ।

## ମାର୍କେଟ କମ୍ପ୍ଲେକ୍ସ ଉଦଘାଟନ କଲେ ମନ୍ତ୍ରୀ

ରମ୍ଭା/ଗଞ୍ଜାମ,୨।୧୦
(ବନବାସୀ ସେଠୀ/ବିଦ୍ୟାଧର ସାହୁ):

ରମ୍ଭା ଏନଏସି କଲ୍ୟାଣ ମଣ୍ଡପରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଉପଲକ୍ଷେ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଳାଙ୍କ ନେତୃତ୍ୱରେ ଓ ଅଧ୍ୟକ୍ଷା ମାନସୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ମାର୍କେଟ କମ୍ପ୍ଲେକ୍ସ ଓ ଧୋବାସାହି ବନ୍ଧ ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ଉପାଧ୍ୟକ୍ଷ କାଳିଆ ତରେଇ ମଞ୍ଚାସିନ ରହିଥିଲେ। କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ସିମାଞ୍ଚଳ ବାଡତ୍ତ୍ୟା, ଅଧ୍ୟକ୍ଷା ପ୍ରତିନିଧି କାହ୍ନା ସ୍ୱାଇଁ କାଉନସିଲର ଅଭିନାଥ ବେହେରା, କ୍ଷେତ୍ର ମୋହନ ବେହେରା, ଡଲି ଦାସଙ୍କ ସହ କାଉନସିଲରମାନେ ଉପସ୍ଥିତ ଥିଲେ। ସେହିପରି ଗଞ୍ଜାମ ଏନଏସି କାର୍ଯ୍ୟାଳୟ ପରିସରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଯୋଗଦେଇ ୨୦୩୬ ସୁଦ୍ଧା ବିକଶିତ ଭାରତ ଗଠନ ସୁନିଶ୍ଚିତ ବୋଲି ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ବିଧାୟକ ନାୟକ, ରାମଚନ୍ଦ୍ର ପଣ୍ଡା, ଏନଏସି ଅଧ୍ୟକ୍ଷା ପ୍ରତିଭା ପାଢ଼ୀ, ଉପନଗରପାଳ ସୁରେନ୍ଦ୍ର କୁମାର ବାରିକି, ଏଡିଏମ ସୁଧାଂଶୁ ଶେଖର ଭୋଇ, ପିଡି ଡୁଡ଼ା ରବୀନ୍ଦ୍ର କୁମାର ପଟେଲ, ଏନଏସି ଇଓ ଅପର୍ଣ୍ଣା ଡାଙ୍ଗୁଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏନଏସି ଅସ୍ଥାୟୀ ସୁଇପରମାନଙ୍କୁ ରେନକୋଟ ପ୍ରଦାନ କରାଯାଇଥିଲା।

## ବଜ୍ରପାତରେ ଚାଷୀଙ୍କ ମୃତ୍ୟୁ

ଗଞ୍ଜାମ,୨।୧୦(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ରାମଗଡ଼ ପଞ୍ଚାୟତ ପ୍ରୟାଗି ଗ୍ରାମର ଜଣେ ଚାଷୀଙ୍କ ବୁଧବାର ବଜ୍ରପାତରେ ମୃତ୍ୟୁ ଘଟିଛି। ସେ ହେଲେ ମଙ୍ଗୁଲୁ ସାହୁ (୫୭)। ଅପରାହ୍ନରେ ମଙ୍ଗୁଲୁ ନିଜ ଚାଷ ଜମି ଦେଖିବାକୁ ଯାଉଥିବା ବେଳେ ବଜ୍ରପାତରେ ଟଳି ପଡ଼ିଥିଲେ। ଖବରପାଇ ହୁମ୍ମା ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଛି। ମଙ୍ଗୁଲୁଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ପାରଳାଖେମୁଣ୍ଡି,୨।୧୦(ଗିରିଧାରୀ ପରିଛା):

ଗଜପତି ଜିଲା ବିଜେଡିର ଜନସମ୍ପର୍କ ପଦଯାତ୍ରା ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋଷାଣୀ ବ୍ଲକ ଲାବଣ୍ୟ ଗଡଠାରୁ ଆରମ୍ଭ ହୋଇଛି। ପାରଳା ବିଧାୟକ ଇଂ. ରୂପେଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରାରେ ଦଳର ଜିଲା ସଭାପତି ଜଗବନ୍ଧୁ ଦାସ, ଜିଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ, ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ନାୟକ, ବସନ୍ତ ଦାସ, ଗୋଷାଣୀ ବ୍ଲକ ଅଧ୍ୟକ୍ଷ ଏନ ବୀର ରାଜୁ, ଜିଲା ପରିଷଦ ସଭ୍ୟ ଏସ ବାଲାରାଜୁ, ଜିଲା ବିଜେଡି ଯୁବ ସଭାପତି ଏସ ଲିଙ୍ଗରାଜୁ, ଜିଲା ବିଜେଡି ଛାତ୍ର ସଭାପତି ବିଶ୍ୱଜିତ୍ ତ୍ରିପାଠୀ,ବରିଷ୍ଠ ନେତା ରାମଚନ୍ଦ୍ର ରାଓ, ଏସ ଗଜପତି ରାଓ, ନିର ଭୂୟାଁଙ୍କ ସମେତ ବହୁ ସଂଖ୍ୟାରେ ବିଜୁ ପ୍ରେମୀ କର୍ମୀ ମାନେ ଯୋଗ ଦେଇଥିଲେ। ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନ ମଙ୍ଗଳକାରି ଯୋଜନାର ସଫଳତା ଓ ବର୍ତ୍ତମାନ ଭାଜପା ସରକାରଙ୍କ ବିଫଳତା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଇଥିଲା।




# ଲୋକଙ୍କୁ ସଚେତନ କଲେ ବିଜେଡି ନେତା,କର୍ମୀ




ପଦଯାତ୍ରାରେ ସାମିଲ ହୋଇଥିବା ବିଜେଡି ନେତା ଓ କର୍ମୀ।

ଆସିକା, ୨।୧୦ (ସୁରେନ୍ଦ୍ର ନାଥ ସାହୁ)

**ଜନସମ୍ପର୍କ ପଦଯାତ୍ରା**

ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ବୁଧବାର ଦଳର ପ୍ରଥମ ପର୍ଯ୍ୟାୟ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏନଏସିର ରଘୁନାଥ ନଗରରେ ଦଳୀୟ କର୍ମୀ ଓ ନେତୃବୃନ୍ଦ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ । ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ନେତୃତ୍ୱରେ ପୂର୍ବତନ ଏମ୍‌ପି ପ୍ରମିଳା ବିଷୋୟୀ, ପୂର୍ବତନ ବିଧାୟକ ଦେବରାଜ ମହାନ୍ତି, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ସୁରଥ ପ୍ରଧାନ, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ସରପଞ୍ଚ ମହାସଂଘ ସଭାପତି ଭବାନୀ ଶଙ୍କର ମଳିକ, ଦିଲ୍ଲୀପ ପାଣିଗ୍ରାହୀ, କାଉନସିଲର, ଜିଲା ପରିଷଦ ସଭ୍ୟ ମନୋଜ ଦୋରା, ରାଜେଶ ପଟ୍ଟନାୟକ, ବିଦ୍ୟାନ୍ତ ଚର୍ଚ୍ଚି, ରଶ୍ମିତା ସେନାପତିଙ୍କ ସମେତ ବହୁ ସରପଞ୍ଚ ସମିତିସଭ୍ୟ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ । ଏହି ଅବସରରେ ପୂର୍ବର ବିଜେଡି ସରକାରର ଜନହିତକର କାର୍ଯ୍ୟ ଓ ବର୍ତ୍ତମାନ ସରକାରର ବିଫଳତା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା । କର୍ମୀମାନେ ବିଜୁ ପଟ୍ଟନାୟକ ଛକସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଆସିକା ସରକାରୀ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

# ଜିଲାସ୍ତରୀୟ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

**ଛତ୍ରପୁର,୨।୧୦(ସନ୍ତୋଷ ପାଢ଼ୀ):**

ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଶାନ୍ତିଦୂତ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଗଞ୍ଜାମ ଜିଲାସ୍ତରୀୟ ଜୟନ୍ତୀ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଛତ୍ରପୁର ଏନ୍‌ଏସିର ମିଳିତ ଆନୁକୂଲ୍ୟରେ ପୋଲିସ ପ୍ୟାରେଡ ପଡିଆ ନିକଟସ୍ଥ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ପାଳିତ ହୋଇଯାଇଛି । ଭୋରରେ ଗାନ୍ଧିଜୀଙ୍କ ପ୍ରିୟ ଭଜନ ରଘୁପତି ରାଘବ ରାଜା ରାମ ଡାକବାଜି ଯନ୍ତ୍ର ଦ୍ୱାରା ଗାନ କରାଯାଇ ସହର ପରିକ୍ରମା କରାଯାଇଥିଲା। ବ୍ରହ୍ମପୁର ଏମ୍‌ପି ପ୍ରଦୀପ କୁମାର ପାଣିଗ୍ରାହୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଉପାଧ୍ୟକ୍ଷ ଜି. ପାପା ରାଓ, ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଉପ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇ, ଅତିଥି ଅଧ୍ୟାପକ ଡ. ଭି.ରାଜେନ୍ଦ୍ର ରାଜୁ ଓ ଅନ୍ୟାନ୍ୟ ଲୋକ ପ୍ରତିନିଧି ତଥା ଅତିଥିମାନେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କଳାକାର ଗଣେଶ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଛତ୍ରପୁର କଳା ବିକାଶ କେନ୍ଦ୍ରର କଳାକାରମାନଙ୍କ ଦ୍ୱାରା ବୈଷ୍ଣବ ଜନତେ ସଙ୍ଗୀତ ପରିବେଷଣ କରାଯାଇଥିଲା । ସର୍ବଧର୍ମ ପ୍ରାର୍ଥନା ପଣ୍ଡିତ ମିହିର କୁମାର ତ୍ରିପାଠୀ ପବିତ୍ର ଶ୍ରୀମଦ୍‌ଭଗବତ ଗୀତା, ମହମ୍ମଦ ଏହେଶାନ ରାଜ ପବିତ୍ର କୋରାନ ଓ ରେଭେରେଣ୍ଡ ସନ୍ତୋଷ ନାୟକଙ୍କ ଦ୍ୱାରା ପବିତ୍ର ବାଇବେଲ ପାଠ କରାଯାଇଥିଲା । ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଅତିଥିମାନଙ୍କ ପରିଚୟ ଓ ଉତ୍ସବ ପାଳନର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ମୁଖ୍ୟବକ୍ତା ତଥା ଅତିଥି ଅଧ୍ୟାପକ, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟର ଡ. ଭି. ରାଜେନ୍ଦ୍ର ରାଜୁ ତାଙ୍କ ବକ୍ତବ୍ୟରେ ଅହିଂସାକୁ ଅସ୍ତ୍ର କରି ସମାଜକୁ ଆଗେଇ ନେବା ସହ ନାରୀର ତ୍ୟାଗ ଶକ୍ତି ଯୋଗୁଁ ମାନବ ସମାଜ ଆଜି ପ୍ରଗତି ପଥରେ ଆଗେଇ ଚାଲିଛି ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ସୁଧାଂଶୁ କୁମାର ଭୋଇ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ନିଜ ବକ୍ତବ୍ୟରେ ସତ୍ୟ ଓ ଅହିଂସା ଗାନ୍ଧିଜୀଙ୍କର ଅମୋଘ ଅସ୍ତ୍ର ଥିଲା ବୋଲି କହିଥିଲେ।

## ମହାତ୍ମା ଗାନ୍ଧୀ, ଶାସ୍ତ୍ରୀଙ୍କ ଜିଲାସ୍ତରୀୟ ଜୟନ୍ତୀ

# 'ସାରା ବିଶ୍ୱକୁ ଶାନ୍ତି, ଅହିଂସା ସହ ତ୍ୟାଗର ବାର୍ତ୍ତା ଦେଇଥିଲେ ଗାନ୍ଧିଜୀ'

ପାରଳାଖେମୁଣ୍ଡି,୨।୧୦(ଗିରିଧାରୀ ପରିଛା)

ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଶାନ୍ତିଦୂତ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜିଲାସ୍ତରୀୟ ଜୟନ୍ତୀ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ମହାରାଜଙ୍କ ବାଳକ ଉଚ୍ଚ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରାତଃ ୪.୩୦ରେ ଡାକବାଜି ଯନ୍ତ୍ରରେ ଗାନ୍ଧିଜୀଙ୍କ ପ୍ରିୟଭଜନ 'ରଘୁପତି ରାଘବ ରାଜାରାମ...' ଗାନ କରାଯାଇ ସହର ପରିକ୍ରମା କରାଯାଇଥିଲା। ସକାଳ ସାଢ଼େ ୬ଟାରେ ଗାନ୍ଧୀ ସ୍ମୃତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରୁ ଏକ ଶୋଭାଯାତ୍ରା ବାହାରି ଗୌରହରି ପାଠାଗାର ଓ ମହାରାଜଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଗାନ୍ଧୀଛକସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ ବିଜୟ କୁମାର ଦାଶ, ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଡ. ଗୁଣନିଧି ନାୟକ, ନିର୍ବାହୀ ଅଧିକାରୀ ଗୌର ଚନ୍ଦ୍ର ପଟ୍ଟନାୟକଙ୍କ ସହ ସହରର ବହୁ ବିଶିଷ୍ଟ ବ୍ୟକ୍ତି, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଅନୁଷ୍ଠିତ ସଭାରେ ଜିଲାପାଳ କହିଥିଲେ, ଅହିଂସା ଅସ୍ତ୍ରକୁ ପାଥେୟ କରି ଗାନ୍ଧିଜୀ ଦେଶକୁ ସ୍ୱାଧୀନତା ଆଣିଥିଲେ। ଏହି ଅହିଂସାକୁ ଅସ୍ତ୍ର କରି ସମାଜକୁ ଉନ୍ନତି ଦିଗରେ ଆଗେଇ ନେବାକୁ ସେ ଆହ୍ୱାନ ଦେଇଥିଲେ। ମୁଖ୍ୟଅତିଥି ରୂପେ ଉପସ୍ଥିତ ବିଧାୟକ ରୂପେଶ କୁମାର ପାଣିଗ୍ରାହୀ କହିଥିଲେ, ଗାନ୍ଧିଜୀ ସାରା ବିଶ୍ୱକୁ ଶାନ୍ତି, ଅହିଂସା, ତ୍ୟାଗ ଓ ନିଷ୍ଠାର ବାର୍ତ୍ତା ଦେଇଥିଲେ। ତାଙ୍କ ସ୍ୱଚ୍ଛତା ମାର୍ଗକୁ ଆପଣାଇ ଆମେ ସୁସ୍ଥ ସମାଜ ଗଠନ କରିପାରିବା ବୋଲି କହିଥିଲେ। ମୁଖ୍ୟବକ୍ତା ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଡ. ନାୟକ କହିଲେ ସତ୍ୟ, ଅହିଂସା ଓ ଧର୍ମନିରପେକ୍ଷତା ଥିଲା ଗାନ୍ଧିଜୀଙ୍କ ମୂଳମନ୍ତ୍ର। ଏହାକୁ ସମସ୍ତେ ଆପଣାଇବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଜିଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ପୌର ଅଧ୍ୟକ୍ଷା, ଉପଜିଲାପାଳ ଅନୁପ ପଣ୍ଡା ଯୋଗଦେଇ ଗାନ୍ଧିଜୀ ଓ ଶାସ୍ତ୍ରୀଙ୍କ ଜୀବନୀ ଓ କାର୍ଯ୍ୟଶୈଳୀ ଉପରେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ଉପସ୍ଥିତ ବ୍ୟକ୍ତି ଓ ଛାତ୍ରୀଛାତ୍ରମାନଙ୍କୁ ସ୍ୱଚ୍ଛତାର ଶପଥପାଠ କରାଇଥିଲେ। ଭକ୍ତି ସଙ୍ଗୀତ ଅନୁଷ୍ଠାନର କଳାକାରମାନେ ଗାନ୍ଧୀ ଭଜନ ପରିବେଷଣ କରିଥିଲେ। ସର୍ବଧର୍ମ ପ୍ରାର୍ଥନାରେ ଗୋପାଳ କୃଷ୍ଣ ପଣ୍ଡିତ ଗୀତା ପାଠ କରିଥିଲେ। ଫାଦର ଅଜିତ ନାୟକ ବାଇବେଲ୍ ଓ କୋରାନ ପାଠ କରିଥିଲେ। ପର୍ବେଜ ଅଲ୍ଲାମ ସର୍ବଧର୍ମ ପ୍ରାର୍ଥନା ଗାନ କରିଥିଲେ। ପାରଳାଖେମୁଣ୍ଡି ପୌର ପରିଷଦର ୪ ଜଣଙ୍କୁ ସ୍ୱଚ୍ଛ ସାଥୀ ଓ ସଫେଇ କର୍ମଚାରୀ ରୂପେ ସମ୍ମାନିତ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା।



# ନକଲି ଶିକ୍ଷକଙ୍କ ପ୍ରତି ଅନୁକମ୍ପା

**ଯାଜପୁର/କୋରେଇ(ହର୍ଷବର୍ଦ୍ଧନ ବେହେରା/ଚନ୍ଦ୍ରକାନ୍ତ ପତି),୨।୧୦ :**

ଯାଜପୁର ଜିଲାରେ ନକଲି ଶିକ୍ଷକଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନୈରାଶ୍ୟଜନକ ରହିଛି। ଦୁଇ ଦୁଇ ଥର ଯୁକ୍ତ ୨, ପୁରୀ ଜିଲାର ଏକ ସଂସ୍କୃତ ବିଶ୍ୱ ବିଦ୍ୟାଳୟରୁ ଜାଲ ସାର୍ଟିଫିକେଟ, ଅନ୍ୟ ରାଜ୍ୟରୁ ଜାଲ ଡିଗ୍ରୀ ଏବଂ ନକଲି ଜାତିଗତ ପ୍ରମାଣପତ୍ର ଦେଇ ଚାକିରି କରୁଥିବା ଶିକ୍ଷକଙ୍କ ବିରୋଧରେ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ଦାୟିତ୍ୱରେ ଥିବା ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ନେବାକୁ ପଛଘୁଞ୍ଚା ଦେଉଛନ୍ତି । ଏଭଳି ସ୍ଥଳେ ରାଜ୍ୟରେ ଅନେକ ମେଧାବୀ ଡିଗ୍ରୀଧାରୀ ଛାତ୍ରୀଛାତ୍ର ତାଙ୍କ ଅଧିକାର ପାଇବାରୁ ବଞ୍ଚିତ ରହୁଛନ୍ତି । ଏ ସଂକ୍ରାନ୍ତରେ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ (ଡିଇଇ) ପକ୍ଷରୁ ରାଜ୍ୟର ସମସ୍ତ ଜିଲା ଶିକ୍ଷାଅଧିକାରୀ (ଡିଇଓ) ଜିଲା ପ୍ରକଳ୍ପ ସଂଯୋଜକ ( ଡିପିସି ) ଏବଂ ମଣ୍ଡଳ ଶିକ୍ଷାଅଧିକାରୀ (ବିଇଓ)ମାନଙ୍କୁ ନକଲି ଶିକ୍ଷକଙ୍କ ରିପୋର୍ଟ ଦେବାକୁ ପ୍ରାୟ ୧୦୦ ଥର ନିର୍ଦ୍ଦେଶନାମା ଜାରି ହୋଇଛି। କାର୍ଯ୍ୟରେ ଅବହେଳା ଏବଂ ତଦନ୍ତରେ ଶିଥିଳତା ଯୋଗୁ ହାତଗଣତି କେତେଜଣ ଶିକ୍ଷକଙ୍କୁ ଛାଡିଦେଲେ ଅନେକ ନକଲି ଶିକ୍ଷକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଯାଜପୁର ଜିଲା କୋରେଇ ବ୍ଲକ ଅଧୀନରେ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ନକଲି ଶିକ୍ଷକ ଛପି ରହିଥିବା ବେଳେ କେବଳ ଅସନଝର ପଞ୍ଚାୟତରେ ୧୦ ଜଣ ଶିକ୍ଷୟିତ୍ରୀଶିକ୍ଷକ ନକଲି ଜାତିଗତ ପ୍ରମାଣପତ୍ର ଦେଇ ଶିକ୍ଷକତା କରୁଥିବା ଅଭିଯୋଗ ହୋଇ ଆସୁଛି । ଓବିସି ବର୍ଗର ହୋଇ ନିଯୁକ୍ତି ସମୟରେ ଶବର ଜାତି ଦର୍ଶାଇ ଆଦିବାସୀ ପ୍ରମାଣପତ୍ର ବଳରେ ଚାକିରି କରିଥିବା ଅଭିଯୋଗରେ ଏହି ପଞ୍ଚାୟତର ୨ଜଣ ଶିକ୍ଷକ ପଛିକୋଟ ହାଇସ୍କୁଲର ମାନସ କୁମାର ନାୟକ ଓ ତରପଦା ପ୍ରାଥମିକ ବିଦ୍ୟାଳୟର ଜ୍ୟୋତ୍ସ୍ନା ନାୟକ ଚାକିରିରୁ ନିଲମ୍ବିତ ହୋଇଥିଲେ । ଏହି ପଞ୍ଚାୟତର ଅନ୍ୟ ୧୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ସମାନ ଜାତିର ହୋଇଥିବା ବେଳେ ଏହି କାର୍ଯ୍ୟାନୁଷ୍ଠାନରୁ ସେମାନେ ବାଦ ପଡିଛନ୍ତି । ସ୍କୁଲ ଓ ଗଣଶିକ୍ଷା ବିଭାଗର ତତ୍କାଳୀନ ଯୁଗ୍ମ ନିର୍ଦ୍ଦେଶିକା ଶୁଭଶ୍ରୀ ତ୍ରିପାଠୀ ୮।୮।୨୦୨୨ରେ ପତ୍ରସଂଖ୍ୟା ୭୬୩୧ରେ ଯାଜପୁର ଜିଲା ଶିକ୍ଷାଧିକାରୀ ଓ କୋରେଇ ମଣ୍ଡଳ ଶିକ୍ଷାଅଧିକାରୀଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏକ ଚିଠି କରିଥିଲେ । ଏହି ଚିଠିରେ କୋରେଇ ମଣ୍ଡଳ ଅଧୀନରେ କାର୍ଯ୍ୟରତ ନକଲି ଶିକ୍ଷୟିତ୍ରୀଶିକ୍ଷକ ଅନ୍ନପୂର୍ଣ୍ଣା ଦେହୁରୀ, ଭଗବତୀ ଦେହୁରୀ, ମୁରଲୀଧର ଦେହୁରୀ, ମଧୁସୂଦନ ନାୟକ, ସୁଶାନ୍ତ କୁମାର ନାୟକ, ବିପିନ ନାୟକ, ରାମଚନ୍ଦ୍ର ପ୍ରଧାନ, ପ୍ରକାଶ ଚନ୍ଦ୍ର ଜେନା, ସରୋଜିନୀ ସ୍ୱାଇଁଙ୍କ ଜାତିଗତ ପ୍ରମାଣପତ୍ର ଯାଞ୍ଚ ପାଇଁ ଉଲ୍ଲେଖ କରିଥିବା ବେଳେ ଏଥିରୁ ବେଣୁଧର ଦେହୁରୀ ଓ ହରିହର ଦଳେଇଙ୍କ ନାମ ବାଦ ପଡିଥିବା ସେତେବେଳେ ଅଭିଯୋଗ ହୋଇଥିଲା।

> **ଯାଜପୁର ଜିଲା**
> - ଅସନଝରରେ ସୁରକ୍ଷିତ ୧୦ ନକଲି ଶିକ୍ଷକ
> - ଚପିଗଲା ଆର୍‌ଡିସିଙ୍କ ତଦନ୍ତ ନିର୍ଦ୍ଦେଶ
> - କେନ୍ଦ୍ରାପଡ଼ାରେ ସୁରକ୍ଷିତ ନକଲି ବିଇଓ

ଏହାପରେ ତତ୍କାଳୀନ ତହସିଲଦାର ଏହାର ତଦନ୍ତ କରିଥିଲେ। ବ୍ୟାସନଗର ତହସିଲଦାର ଏହାର ତଦନ୍ତ ରିପୋର୍ଟ ୧୪।୨।୨୦୨୩ରେ କୋରେଇ ବିଇଓଙ୍କୁ ହସ୍ତାନ୍ତର କରିଥିଲେ । ସେହି ପତ୍ରରେ ଅଭିଯୁକ୍ତ ୯ଜଣ ନକଲି ଶିକ୍ଷୟିତ୍ରୀଶିକ୍ଷକଙ୍କ ଜାତିଗତ ପ୍ରମାଣପତ୍ର ଅସଲି ବୋଲି ଦର୍ଶାଇଥିଲେ। ତହସିଲଦାରଙ୍କ ରିପୋର୍ଟ ଅନୁସାରେ ଅନ୍ନପୂର୍ଣ୍ଣା ଦେହୁରୀ, ଭଗବତୀ ଦେହୁରୀ, ସୁଶାନ୍ତ କୁମାର ନାୟକ, ପ୍ରକାଶ ଚନ୍ଦ୍ର ଜେନା, ସରୋଜିନୀ ସ୍ୱାଇଁଙ୍କ ଜାତିଗତ ପ୍ରମାଣପତ୍ର ବ୍ୟାସନଗର ତହସିଲରୁ ଜାରି ହୋଇଥିଲା। ଏହାବାଦ୍ ଅନ୍ୟ ୪ଜଣ ମୁରଲୀଧର ଦେହୁରୀ, ମଧୁସୂଦନ ନାୟକ, ବିପିନ ନାୟକ ଏବଂ ରାମଚନ୍ଦ୍ର ପ୍ରଧାନଙ୍କ ଜାତିଗତ ପ୍ରମାଣପତ୍ର ବ୍ୟାସନଗର ତହସିଲରୁ ପ୍ରେରିତ ହୋଇନାହିଁ ବୋଲି ଉଲ୍ଲେଖ ରହିଥିଲା । କୌଣସି କ୍ଷେତ୍ର ପରିଦର୍ଶନ ନ କରି କିମ୍ବା ଅଭିଯୁକ୍ତ ନକଲି ଶିକ୍ଷକଙ୍କ ପରିବାରବର୍ଗଙ୍କ ମୂଳ ଜାତି ସଂକ୍ରାନ୍ତରେ ତଦନ୍ତ ନ କରି ଅଫିସରେ ବସି ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ଅନ୍ୟପକ୍ଷେ ଯେଉଁ ୪ ଜଣ ଶିକ୍ଷକଙ୍କ ଜାତିଗତ ପ୍ରମାଣପତ୍ର ବ୍ୟାସନଗର ତହସିଲରୁ ଜାରି ହୋଇନାହିଁ ସେମାନଙ୍କୁ କୋରେଇ ବିଇଓ କାରଣ ଦର୍ଶାଅ ନୋଟିସ କରିଥିଲେ ହେଁ ସେମାନେ ତାକୁ ଭୃକ୍ଷେପ କରି ନାହାନ୍ତି କିମ୍ବା କୋରେଇ ବିଇଓ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରି ନାହାନ୍ତି, ଯାହାକୁ ନେଇ କୋରେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ସେହିପରି ହରିହର ଦଳେଇ ନାମକ ଜଣେ ବ୍ୟକ୍ତି ନକଲି ଆଦିବାସୀ ପ୍ରମାଣପତ୍ର ବଳରେ ଯାଜପୁର ଜିଲା ବଡ଼ଚଣା ବ୍ଲକ ଶିକ୍ଷାଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଏନେଇ ଅଭିଯୋଗ ହେବା ପରେ ତାଙ୍କୁ ବଦଳି କରି କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ମଣ୍ଡଳ ଶିକ୍ଷାଅଧିକାରୀ ଭାବେ ନିଯୁକ୍ତି କରାଯାଇଛି । ଏହିପରି ଭାବେ ଯାଜପୁର ଜିଲାରେ ନକଲି ଶିକ୍ଷକଙ୍କୁ ପ୍ରଶାସନିକ ଅଧିକାରୀମାନେ ଅନୁକମ୍ପା ଦେଖାଇ ସୁରକ୍ଷା ଦେଇଆସୁଥିବା ଚର୍ଚ୍ଚା ହେଉଛି ।

ଏନେଇ ଜିଲା ଶିକ୍ଷା ଅଧିକାରୀଣୀ ନିବେଦିତା ପାଣିଙ୍କୁ ପଚାରିବାରେ ସେ କହିଛନ୍ତି, ସେତେବେଳେ ସେ ଦାୟିତ୍ୱରେ ନ ଥିଲେ । ଏହି ଅଭିଯୋଗ ଉପରେ ପୁଣି ଥରେ ତଦନ୍ତ କରାଯିବ ବୋଲି କହିଛନ୍ତି ।

## କଲ୍ୟାଣପୁର ପଞ୍ଚାୟତରେ ପଦଯାତ୍ରା



ଜନସମ୍ପର୍କ ପଦଯାତ୍ରାରେ ସାମିଲ ହୋଇଥିବା କଲ୍ୟାଣପୁର ପଞ୍ଚାୟତବାସୀ ।

**ବିଞ୍ଝାରପୁର,୨।୧୦(ରାମକୃଷ୍ଣ ଦାସ):**

ଗାନ୍ଧୀ ଜୟନ୍ତୀ ଅବସରରେ ବୁଧବାର ବିଞ୍ଝାରପୁର ବ୍ଲକ ବିଜେଡି ପକ୍ଷରୁ ୨୭ନଂ. ଜୋନର କଲ୍ୟାଣପୁର ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ତଥା ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ସଭାପତି ମୁରଲୀଧର ବେହେରା, ଜିଲାପରିଷଦ ସଭ୍ୟା ସୁନିତା ନାୟକ, ଅହଲ୍ୟା ସ୍ୱାଇଁ, ଖଗେଶର ମହାନ୍ତି, ଯୁବବିଜେଡି ସଭାପତି ଦିଲୀପ ରାଉଳ, ଛାତ୍ର ବିଜେଡି ସଭାପତି ଲେନିନ ଦାସ ଓ କଲ୍ୟାଣପୁର ସରପଞ୍ଚ ସୁଶ୍ରୀସଙ୍ଗୀତା ନାୟକ ପ୍ରମୁଖ ଯୋଗଦେଇ ଭାଜପା ସରକାରଙ୍କ ଉପରେ ବର୍ଷିଥିଲେ। ଏଥିସହିତ ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ମଳ ଭାବମୂର୍ତ୍ତିକୁ ପାଥେୟକରି ପୁଣି ଥରେ ଲୋକଙ୍କ ସହିତ ଯୋଡିହେବାକୁ ଓ ନୂତନ ସଦସ୍ୟ ସୃଷ୍ଟି କରିବାକୁ କର୍ମୀଙ୍କୁ ଆହ୍ୱାନ କରିଥିଲେ। ପଦଯାତ୍ରା ୨୭ନଂ. ଜୋନ ଅନ୍ତର୍ଗତ କଲ୍ୟାଣପୁର ଗ୍ରାପର ବାଳମୁକୁଳିସ୍ଥିତ ଯଜ୍ଞପଡ଼ିଆରୁ ଆରମ୍ଭ ହୋଇ ରୁଦ୍ରପୁର ଗ୍ରାମସ୍ଥିତ ମା'ମଙ୍ଗଳ ଚଣ୍ଡୀ ପୀଠରେ ସମାପ୍ତ ହୋଇଥିଲା। ପଦଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜେଡି ଉପସଭାପତି ମୁକ୍ତିକାନ୍ତ ସାମଲ, ରମେଶ ରାଉତ, ସଭାପତି କାଳୀପ୍ରସନ୍ନ ଦାସ, କପିଳା ସରପଞ୍ଚ ଦେବୀଦତ୍ତ ସେଠୀ, ଅଳକୁଣ୍ଡ ସରପଞ୍ଚ ସୁଶାନ୍ତ ଦାସ, ରଣପୁର ସରପଞ୍ଚ ରିୟଙ୍କା ଯେନା, ଯୁବନେତା ଅଜିତ ସାମଲ, ଫତେପୁର ସରପଞ୍ଚ ମାଧବୀଲତା ସାହୁ, ପ୍ରୀତିପୁର ସରପଞ୍ଚ ଭାଗିରଥି ଦାସ, ଭାରତୀ କାଣ୍ଡି, ମୀନାକ୍ଷୀ ବେହେରା, ଶଙ୍କର୍ଷଣ ବାରିକ, ଉମେଶ ବାରିକ, ନିରଞ୍ଜନ ସାହୁ, ଅଶୋକ ମହାନ୍ତି, ନିରଞ୍ଜନ ଦାସ ପ୍ରମୁଖ ଛାମୁଆନେତାଙ୍କ ସମେତ ଜୋନ ଅନ୍ତର୍ଗତ ରଣପୁର, କଲ୍ୟାଣପୁର, କପିଳା, ଅଳକୁଣ୍ଡ, ଫତେପୁର ଓ ପ୍ରୀତିପୁର ପଞ୍ଚାୟତ ବିଜେଡି କର୍ମୀମାନେ ସାମିଲ ହୋଇଥିଲେ।

## ଗାନ୍ଧୀ ବିଶ୍ୱର ଗୁରୁ ଥିଲେ

**ଧର୍ମଶାଳା,୨।୧୦ (ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଚହଟା ପଞ୍ଚାୟତ ଭାଲୁଖାଇଠାରେ ମହାତ୍ମା ଗାନ୍ଧୀ ଫାଉଣ୍ଡେଶନ ପକ୍ଷରୁ ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଛି। ଅନୁଷ୍ଠାନ ସଭାପତି ଅଖିଳ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହିତ ଗାନ୍ଧୀଙ୍କ ନୀତିଆଦର୍ଶ ଓ ବିଚାରଧାରା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି ଯୋଗଦେଇ ଗାନ୍ଧୀ ବିଶ୍ୱର ଗୁରୁ ଥିଲେ ବୋଲି ଅଭିହିତ କରିଥିଲେ। ସମ୍ମାନିତ ଅତିଥିଭାବେ ରମେଶ ଚନ୍ଦ୍ର ସିଂ, ଡ. ଚିତ୍ତରଞ୍ଜନ ମହାନ୍ତି, ଗୋପୀନାଥ ପତି, ସନ୍ତୋଷ କୁମାର ଜେନା, ବସନ୍ତ କୁମାର ପରିଡା, ଡ. କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଗାନ୍ଧୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଦେବବ୍ରତ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପୂର୍ଣ୍ଣଚନ୍ଦ୍ର ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ। ଯୁଗଳ କିଶୋର ଦାସ ଧନ୍ୟବାଦ ଦେଇଥିଲେ। ସେହିପରି ଧର୍ମଶାଳା ବ୍ଲକ କଂଗ୍ରେସ ପକ୍ଷରୁ କାଏମାଠାରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। କଂଗ୍ରେସ ନେତା କିଷାନ ପଣ୍ଡାଙ୍କ ନେତୃତ୍ୱରେ ନରୋତ୍ତମ ନାୟକ, ପ୍ରଫୁଲ୍ଲ ରାୟ, ପୂର୍ଣ୍ଣଚନ୍ଦ୍ର ତରେଇ, ଶ୍ୟାମସୁନ୍ଦର ରାଉତ ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସେହିପରି ପଣ୍ଡୁଆ ଗ୍ରାମ କମିଟି ଓ ବୁଦ୍ଧିଜୀବୀ ଫୋରମ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ପାଳନ କରାଯିବା ସହ ଗ୍ରାମ ରାସ୍ତା ସଫେଇ କରାଯାଇଛି।

## କୋରେଇ ବିଜେଡି ପକ୍ଷରୁ ପଦଯାତ୍ରା



ପଦଯାତ୍ରାରେ ସାମିଲ ହୋଇଥିବା କୋରେଇ ବିଜେଡି ନେତା ଓ କର୍ମୀମାନେ ।

**ପାଣିକୋଇଲି,୨।୧୦(ବିକାଶ ମଲ୍ଲିକ):**

କୋରେଇ ବିଜେଡି ପକ୍ଷରୁ ଏକ ବୁଧବାର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଏହି ପଦଯାତ୍ରା ପାଣିକୋଇଲି ମା' ତାରିଣୀ ମନ୍ଦିରରୁ ବାହାରି ଜାତୀୟ ରାଜପଥରେ ଗୋଳେଇପୁର ପଞ୍ଚାୟତର ହାଟସାହି ଛକ ପର୍ଯ୍ୟନ୍ତ ଯାଇଥିଲା। ଯୁବନେତା ଭବପ୍ରକାଶ ଦାସ ଓ ବଳଭଦ୍ର ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରାରେ ଜିଲା ପରିଷଦ ସଭାପତି ନଳିନୀପ୍ରଭା ଜେନା, ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇ, ଜିଲା ପରିଷଦ ସଭ୍ୟ ଉମାକାନ୍ତ ମାଝୀ, ସସ୍ମିତା ତରେଇ, ଯୁବସଭାପତି ପ୍ରତାପ ମହାନ୍ତି, ରକେଶ ମହାନ୍ତି, ତାରକେଶ୍ୱର ମହାନ୍ତି, ସୌଭାଗ୍ୟ ମହାନ୍ତି, ସୁରେଖା ସେଠୀ, କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, ପ୍ରକାଶ ମଲିକ, ବ୍ଲକ୍ ବିଜେଡି ସଭାପତି ଭକ୍ତବତ୍ସଳ ସ୍ୱାଇଁ, ଗୋଲକ ଚନ୍ଦ୍ର ମାଝୀ, ସୁଶାନ୍ତ ସାହୁ, ମୁଜବୁର ରହେମାନ, ଚନ୍ଦ୍ରକାନ୍ତ ଖଣ୍ଡାଇ, ସତିସ ଧଳ, ସୁରେଶ ପଣ୍ଡା, କରୁଣାକର ମାଝୀ, ଲୀଳାବତୀ ସ୍ୱାଇଁ ଓ କୁନା ମହିଙ୍କ ସମେତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ପ୍ରତିପଞ୍ଚାୟତର ନେତା/କର୍ମୀ ଏବଂ ଯାଜପୁର ବ୍ଲକ୍‌ର କର୍ମୀମାନେ ଯୋଗଦେଇଥିଲେ।

## ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହର ଭିତ୍ତିପ୍ରସ୍ତର

**କାଏମା,୨।୧୦(ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବହିଃବିଭାଗ ପାଇଁ ଏକ ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପୂଜାର୍ଚ୍ଚନା ପରେ ବିଧାୟକ ବିଧାୟକ ହିମାଂଶୁ ଶେଖର ସାହୁ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁଧୀର ସାହୁ, ରାଜେଶ ପାଳ, ଆଲୋକ ଲେଙ୍କା, ଅଭିଷେକ ରାଉତ, ଶରତ ଓଝା ଓ ଆୟୁଷ୍ମାନ ପ୍ରିୟଦର୍ଶନଙ୍କ ସହ ବହୁ ଭାଜପା କାର୍ଯ୍ୟକର୍ତ୍ତା ଉପସ୍ଥିତଥିଲେ।

୧୬ ନମ୍ବର ଜାତୀୟ ରାଜପଥରୁ ମାତ୍ର ଅଳ୍ପ ଦୂରରେ ଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦୈନନ୍ଦିନ ଶହଶହ ସଂଖ୍ୟାରେ ରୋଗୀ ଭରଷା କରିଥାନ୍ତି। ରାଜପଥରେ କୌଣସି ବି ଦୁର୍ଘଟଣା ଘଟିଲେ ପ୍ରଥମେ ଦୁର୍ଘଟଣାଗ୍ରସ୍ତଙ୍କୁ ସେଠାକୁ ନିଆଯାଇଥାଏ। କିନ୍ତୁ ଅନେକ ସମୟରେ ରୋଗୀ ସେବା ବାଧାପ୍ରାପ୍ତ ହେଉଥିବା ଦେଖିବାକୁ ମିଳିଥାଏ। ଏଠାରେ ଅନେକ ସମସ୍ୟା ଲାଗି ରହିଥିବା ଘଟଣା ଉପରେ ବିଧାୟକଙ୍କ ଦୃଷ୍ଟି ପଡ଼ିବା ପରେ ସେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ଏହାର ସମାଧାନ କରିବାକୁ ପ୍ରୟାସ କରିଛନ୍ତି। ଏହାକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।



ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ବିଧାୟକ ଓ ଅନ୍ୟ ଅଧିକାରୀ ।

## ଚାରିନଙ୍ଗଳରେ ସ୍ୱତନ୍ତ୍ର ଗ୍ରାମସଭା



ଗ୍ରାମସଭାରେ ଯୋଗଦେଇଥିବା ଅଧିକାରୀ ଓ ଜନସାଧାରଣ ।

**ବାଲିଚନ୍ଦ୍ରପୁର,୨।୧୦(ଗିରିଜା ପ୍ରସାଦ ସାହୁ):**

ବଡ଼ଚଣା ବ୍ଲକ୍ ଅଧୀନ ଚାରିନଙ୍ଗଳ ପଞ୍ଚାୟତଠାରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ କରାଯିବା ସହ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଛି। ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ସରପଞ୍ଚ ନୁରୁଜାନ ବେଗମ୍‌ଙ୍କ ଅଧ୍ୟକ୍ଷତାରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ୱାର୍ଡ ସଭ୍ୟ ସେକ୍ କରିମୁଦ୍ଦିନ୍ ଖାଁ, ତ୍ରିଲୋଚନ ଦାସ, ରେଣୁବାଳା ଗୋଚ୍ଛାୟତଙ୍କ ସମେତ ଅନ୍ୟ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ପ୍ରତ୍ୟେକ ୱାର୍ଡରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ପ୍ରସ୍ତାବମାନ ୱାର୍ଡ ସଭ୍ୟାସଭ୍ୟଙ୍କ ଜରିଆରେ ଗ୍ରହଣ କରାଯାଇଥିଲା। ନୋଡାଲ ଅଫିସର ଭାବେ ପୁନମ ପରିଡ଼ା ଉପସ୍ଥିତ ରହି ପ୍ରସ୍ତାବଗୁଡ଼ିକୁ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାରିନଙ୍ଗଳ ପଞ୍ଚାୟତ ଭାଜପା ପ୍ରମୁଖ ପ୍ରଦ୍ୟୋତ କେଶରୀ ସାମଲ, ଅନିଲ କୁମାର ବଳ, ଭୀମସେନ୍ ରାଉତ, ଧନେଶ୍ୱର ବଳ, ନସିମୁଦ୍ଦିନ୍ ଖାଁ, ସେକ୍ ରଜାକ ମହମ୍ମଦ, ସେକ୍ ସାନାୱାଜ୍ ଆଲମ ପ୍ରମୁଖ ଯୋଗଦେଇଥିଲେ। ପଞ୍ଚାୟତର ଇସି ମେମ୍ବରମାନେ ଉପସ୍ଥିତ ଥିଲେ। ସିଆରପି ନିହାରିକା ବଳ ଧନ୍ୟବାଦ ଦେଇଥିଲେ।

## ଗୋବରୀରେ ମାଛଧରାକୁ ନେଇ ୨ ଗୋଷ୍ଠୀ ମୁହାଁମୁହିଁ

**ଚଣ୍ଡିଖୋଲ,୨।୧୦(ପ୍ରଦୀପ୍ତ କୁମାର ପୃଷ୍ଟି):**

> **୨ ଗିରଫ: ବନ୍ଧୁକ, ଗୁଳି ଜବତ**

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଓଳାଶୁଣୀ ପାହାଡ଼ ନିକଟ ଗୋବରୀ ନଦୀରେ ମାଛଧରାକୁ କେନ୍ଦ୍ରକରି ମଙ୍ଗଳବାର ରାତିରେ ୨ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏଥିରେ ଗୋଟିଏ ଗୋଷ୍ଠୀର ୫ ଜଣ ଯୁବକ ଆସି ସେଠାରେ ମାଛ ଧରୁଥିବା ଅନ୍ୟ ଗୋଷ୍ଠୀ ଯୁବକମାନଙ୍କୁ ବନ୍ଧୁକ ଦେଖାଇ ବଟି ମାଗିଥିଲେ। ମାଛ ଧରୁଥିବା ଯୁବକମାନେ ତାଙ୍କର ଅନ୍ୟ ସହଯୋଗୀଙ୍କୁ ଡାକିବାରୁ ଉଭୟ ପକ୍ଷ ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷ ବନ୍ଧୁକ ଦେଖାଇବାରୁ ବଟି ମାଗିଥିବା ଯୁବକମାନେ ସେଠାରୁ ୫୩ନଂ. ଜାତୀୟ ରାଜପଥ ଦେଇ କେନ୍ଦ୍ରାପଡ଼ା ଅଭିମୁଖେ ପଳାଇ ଯାଇଥିଲେ। ଏହାପରେ ସେମାନେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅନ୍ତର୍ଗତ ୫୩ନଂ. ଜାତୀୟ ରାଜପଥର ପଞ୍ଚୁ ପାଣ୍ଡବ ନିକଟରେ ଥିବା ଏକ ଢ଼ାବାରେ ପଶି ଗଣ୍ଡଗୋଳ କରିଥିଲେ। ଢ଼ାବା ମାଲିକ ପୋଲିସକୁ ଖବର ଦେବାରୁ ଡେରାବିଶ ଥାନା ପୋଲିସ ପହଞ୍ଚି ୨ ଜଣଙ୍କୁ ଗିରଫ କରିଥିଲା। ଅନ୍ୟ ୩ଜଣ ଫେରାର ହୋଇଯାଇଥିଲେ। ପୋଲିସ ଅନ୍ୟମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରିରଖିଛି। ପ୍ରଥମ ଘଟଣା ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

## ୬ରେ ବନ୍ଦେ ଉତ୍କଳ ସଙ୍ଗଠନର ବାର୍ଷିକ ଉତ୍ସବ

**ଯାଜପୁର ସଦର,୨।୧୦(ସମର ବିଜୟ ଶରଣ):**

ଯାଜପୁର ବନ୍ଦେ ଉତ୍କଳ ଜନନୀ ସ୍ୱେଚ୍ଛାସେବୀ ସଂଗଠନର ବାର୍ଷିକ ଉତ୍ସବ ଆସନ୍ତା ୬ ତାରିଖରେ ଯାଜପୁର ଟାଉନ ସଂସ୍କୃତି ଭବନଠାରେ ପାଳନ କରାଯିବ। ଏଥିନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଏମ୍‌ପିଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ନାରୀ ସୁରକ୍ଷା ଓ ସଶକ୍ତୀକରଣ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ମହିଳାଙ୍କୁ କଳିଙ୍ଗ କନ୍ୟା ସଂସ୍ଥାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ ବୋଲି ସ୍ଥିର କରାଯାଇଛି। ବୈଠକରେ ସଭାପତି ସ୍ମୃତିରଞ୍ଜନ ସାହୁ, ସମ୍ପାଦକ ବାଦଲ ରାଉତ, ଉପଦେଷ୍ଟା ନିରଞ୍ଜନ ସାହୁ, ଗୌରାଙ୍ଗ ଶତପଥୀ, ଶଶିଭୂଷଣ ସାମଲ, ପ୍ରଭାତ ତ୍ରିପାଠୀ, ଭାଗିରଥି ନନ୍ଦ, ସଞ୍ଜୟ ମହାନ୍ତି ଓ ପଦ୍ମନାଭ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ଗ୍ରାମସଭାରେ ଗଣ୍ଡଗୋଳ

**ଯାଜପୁର ଟାଉନ,୨।୧୦ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଜିଲା ରାହାସୋଇ ପଞ୍ଚାୟତ ଜଗନ୍ନାଥପୁର ସ୍କୁଲରେ ରାହାସୋଇ ପଞ୍ଚାୟତର ଗ୍ରାମସଭା ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ୨ ରାଜନେତିକ ଦଳ ପରସ୍ପର କଥାକଟାକଟି ହେବା ସହ ଗଣ୍ଡଗୋଳ କରିଛନ୍ତି। ଗ୍ରାମସଭା ଦାୟିତ୍ୱରେ ଥିବା ଜିଆର୍‌ଏସ୍ କହିଥିଲେ, ଖାଲି ଗ୍ରାମସଭା କରିବାକୁ ଆସିଛୁ। ପଞ୍ଚାୟତର କୌଣସି ପ୍ରୋଜେକ୍ଟ ଫାଇନାଲ୍ ନ କରିବା ପାଇଁ ଉପରୁ ନିର୍ଦ୍ଦେଶ ଅଛି। ଏହାପରେ ଗଣ୍ଡଗୋଳର ସମାଧାନ ନ ହେବାରୁ ଜିଆର୍‌ଏସ୍ ଅଧାରୁ ପଳାଇଥିଲେ। ଫଳରେ ଗ୍ରାମସଭା ବନ୍ଦ ହୋଇଥିଲା। ଜିଆରଏସ୍‌ଙ୍କ ଏପରି କଥାକୁ ଗ୍ରାମସଭାରେ ଉପସ୍ଥିତ ଥିବା ପଞ୍ଚାୟତର ବୁଦ୍ଧିଜୀବୀ ନାପସନ୍ଦ କରିବା ସହିତ ଏହା ରାଜନୈତିକ ପ୍ରାୟୋଜିତ ଗ୍ରାମସଭା ବୋଲି କହିଥିଲେ। ଘଟଣାକୁ ନେଇ ପଞ୍ଚାୟତର ଲୋକେ ଉପରିସ୍ଥ ପଦାଧିକାରୀଙ୍କୁ ଜଣାଇଥିବା ସୂଚନା ମିଳିଛି।

## ଐତିହ୍ୟ, ପରମ୍ପରାକୁ ସମ୍ମାନଦେଲେ ଭବିଷ୍ୟତ ଉଜ୍ଜ୍ୱଳ ହେବ

> **ସ୍ମୃତି, ପ୍ରଣତି ପକ୍ଷରୁ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ**

**ଯାଜପୁର ସଦର,୨।୧୦ (ସମର ବିଜୟ ଶରଣ):**

ଯାଜପୁର ଅଞ୍ଚଳର ସାହିତ୍ୟ ଏବଂ ସାଂସ୍କୃତିକ ଅନୁଷ୍ଠାନ ସ୍ମୃତି ଓ ପ୍ରଣତି ପକ୍ଷରୁ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ 'ସ୍ୱାଧୀନ ଭାରତର ଭବିଷ୍ୟତ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥିଭାବେ ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ଯୋଗଦେଇ ଭାରତ ୨୦୫୦ରେ ବିଶ୍ୱଗୁରୁ ହେବାର ଯଥେଷ୍ଟ ବର୍ଷ ପୂର୍ବରୁ ବିଶ୍ୱଗୁରୁ ହୋଇସାରିଛି ବୋଲି କହିଥିଲେ। ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ସମ୍ମାନଦେଲେ ଭାରତର ଭବିଷ୍ୟତ ଅତ୍ୟନ୍ତ ଉଜ୍ଜ୍ୱଳ ହୋଇପାରିବ ବୋଲି ମତରଖିଥିଲେ। ମୁଖ୍ୟବକ୍ତାଭାବେ ରାଜ୍ୟ ଶିଳ୍ପୀ ମହାସଂଘ ସାଧାରଣ ସମ୍ପାଦକ ପ୍ରିୟରଞ୍ଜନ କର ଯୋଗଦେଇ ବକ୍ତବ୍ୟ ରଖିଥିଲେ।

ସମ୍ମାନିତ ଅତିଥିଭାବେ ଡ. ନିତ୍ୟାନନ୍ଦ ମିଶ୍ର ତାଙ୍କ ବକ୍ତବ୍ୟରେ ଦେଶର ସାମ୍ପ୍ରତିକ ସ୍ଥିତିକୁ ରାଜନେତା ଗୁରୁତ୍ୱଦେବାକୁ ଆହ୍ୱାନ କରିଥିଲେ। ଅନୁଷ୍ଠାନ ସଭାପତି ଶିଶିର କୁମାର ନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଗାନ୍ଧୀ ୧୯୩୪ ଜୁନ ୨ରେ ଯାଜପୁର ଜିଲା ଗସ୍ତରେ ଆସି ବୈତରଣୀ ନଦୀର ସେତେବେଳ କାଠଗୋଲା ଘାଟ (ବର୍ତ୍ତମାନର ଦେବୀଗଡା ଘାଟ)ଠାରେ ନଦୀ ପାର ହୋଇ ଭଦ୍ରକ ଜିଲାକୁ ଗସ୍ତ କରିଥିଲେ। ସେହି ସ୍ମୃତିକୁ ଉଜ୍ଜୀବିତ ରଖିବା ନିମନ୍ତେ ସରକାର ଦେବୀଗଡା ଘାଟଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ସହ ଏକ ସ୍ମାରକୀ ନିର୍ମାଣ କରିବାକୁ ଦାବି କରିଥିଲେ। ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ନାୟକ ସ୍ମୃତି ଓ ପ୍ରଣତି ଅନୁଷ୍ଠାନର ଲକ୍ଷ୍ୟ, ଆଭିମୁଖ୍ୟ ଏବଂ ଉଦେଶ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ସମସ୍ତ ଅତିଥି ଓ ଉପସ୍ଥିତ ଶ୍ରୋତାଙ୍କ ପରିଚୟ ପ୍ରଦାନ କରିଥିଲେ। ସଂଗଠନ ସମ୍ପାଦକ ପ୍ରଫେସର ଡ. ଦାମୋଦର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବରିଷ୍ଠ କର୍ମକର୍ତ୍ତା ସୁବାସ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

# ଢିଙ୍କିଆ ପଞ୍ଚାୟତ ନିର୍ବାଚନ: ପ୍ରଚାର ଶେଷ



ନିର୍ବାଚନ ପ୍ରଚାର ଶେଷ ଦିନରେ ଭାଜପା ସମର୍ଥିତ ପ୍ରାର୍ଥିନୀ ବାସନ୍ତୀ ଖଟୁଆ ଭୋଟ ଭିକ୍ଷା କରୁଛନ୍ତି।



ବିଜେଡି ସଭାରେ ପ୍ରାର୍ଥିନୀ ଶାନ୍ତିଲତା ବେହେରା ଭୋଟ ଭିକ୍ଷା କରୁଛନ୍ତି।

- ବିଜେଡ଼ି, ଭାଜପାର ସଭା, ଶୋଭାଯାତ୍ରା ମାଧମରେ ଶକ୍ତି ପ୍ରଦର୍ଶନ
- ସ୍ୱାଭିମାନ ମଞ୍ଚ ପ୍ରାର୍ଥିନୀଙ୍କ ପାଇଁ ପ୍ରଚାର କଲେ କଂଗ୍ରେସ ନେତା

**କୁଜଙ୍ଗ,୨।୧୦(ମନୋଜ ପ୍ରଧାନ)**

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଢିଙ୍କିଆ ପଞ୍ଚାୟତ ସରପଞ୍ଚ ଓ ୱାର୍ଡ ସଭ୍ୟାସଭ୍ୟ ପଦବୀ ନିମନ୍ତେ ନିର୍ବାଚନ ଆସନ୍ତା ୪ ତାରିଖରେ ଅନୁଷ୍ଠିତ ହେବ। ନିର୍ବାଚନ ଲାଗି ବୁଧବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି।

ବିଜେଡି ବୁଧବାରଠାରୁ ଆରମ୍ଭ କରିଥିବା ଜନସମ୍ପର୍କ ପଦଯାତ୍ରା ଆଳରେ ସଭା ଶୋଭାଯାତ୍ରା ମାଧ୍ୟମରେ ଢ଼ିଙ୍କିଆରେ ତା'ର ଶକ୍ତି ପ୍ରଦର୍ଶନ କରିଛି। ନୂଆଗାଁଠାରୁ ଆରମ୍ଭ ହୋଇଥିବା ପଦଯାତ୍ରା ଢ଼ିଙ୍କିଆରେ ଶେଷ ହୋଇଥିଲା। ଏରସମା ବ୍ଲକ ବିଜେଡି ସଭାପତି ପୀତବାସ ଗଛାୟତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବାଲିକୁଦା-ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା, ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ପଞ୍ଚାୟତ ସମିତି ଅଧକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଶ୍ରମିକ ନେତା ଗୋଲେଖ ନାୟକ, ବିଦାୟୀ ସରପଞ୍ଚ କିଶୋର ପରିଡ଼ା, ବାଲିକୁଦା ବ୍ଲକ ଅଧକ୍ଷ ପ୍ରକାଶ ପ୍ରଧାନ, ପଞ୍ଚାୟତ ସଭାପତି ଅକ୍ଷୟ ବେହେରା ପ୍ରମୁଖ ଦଳୀୟ ସମର୍ଥିତ ସରପଞ୍ଚ ପ୍ରାର୍ଥିନୀ ଶାନ୍ତିଲତା ବେହେରାଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ବିଧାୟକ ଜେନା କହିଥିଲେ, ଏହି ନିର୍ବାଚନ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ପାଇଁ ସମ୍ମାନର ପ୍ରଶ୍ନ। ତେଣୁ ଶାନ୍ତିଲତାଙ୍କୁ ଜିତାଇବାକୁ ସମସ୍ତଙ୍କୁ ନିବେଦନ କରିଥିଲେ।

ସେହିପରି ଭାଜପା ସମର୍ଥିତ ସରପଞ୍ଚ ପ୍ରାର୍ଥିନୀ ବାସନ୍ତୀ ଖଟୁଆଙ୍କ ପାଇଁ ଜଗତ୍‌ସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇ ଓ ଭାଜପା ନିର୍ବାଚନ ମଣ୍ଡଳୀ ନେତା ସତ୍ୟ ସାରଥୀ ମହାନ୍ତି ପ୍ରଚାର କରିଛନ୍ତି। ଅପରାହ୍ନରେ ଉଭୟ ନେତା ପଞ୍ଚାୟତ ଅନ୍ତର୍ଗତ ତ୍ରିଲୋଚନପୁରରୁ ଶୋଭାଯାତ୍ରାରେ ଆସି ପାଟଣାଠାରେ ସଭା କରିଥିଲେ। ପଞ୍ଚାୟତ ଭାଜପା ସଭାପତି ନିତ୍ୟାନନ୍ଦ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଏମ୍‌ପି ତରାଇ କହିଥିଲେ, ଢ଼ିଙ୍କିଆ ହେଉଛି ଆନ୍ଦୋଳନର ମାଟି। ଏଠିକାର ଜନତା ଶିଳ୍ପ ପାଇଁ ନିଜର ଚାଷ ଜମି ସମେତ ଜୀବନ ଜୀବିକା ହରାଇଛନ୍ତି। ପୋଲିସ ନିର୍ଯାତନାର ଶିକାର ହୋଇଛନ୍ତି। ସେମାନଙ୍କ ପାଇଁ କୌଣସି ରାଜନେତା ଢ଼ିଙ୍କିଆ ମାଟି ମାଡ଼ି ନ ଥିବାବେଳେ ସେ ଭାଜପା ନେତା ଭାବେ ଏଠାକୁ ଆସି ଜନତାଙ୍କୁ ସୁରକ୍ଷା ଦେଇଥିଲେ। ବର୍ତ୍ତମାନ ରାଜ୍ୟ ଓ କେନ୍ଦ୍ରରେ ଭାଜପାର ଡବଲ ଇଞ୍ଜିନ ସରକାର ଚାଲିଛି। ଏଠିକାର ଲୋକ କିପରି କାରଖାନାରେ ନିଯୁକ୍ତି ପାଇବା ସାଙ୍ଗକୁ ମୁଖ୍ୟ ସମସ୍ୟା ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ସୁବିଧା ପାଇବେ ନିଶ୍ଚିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେଣୁ ପଞ୍ଚାୟତର ବିକାଶ ଲାଗି ଦଳୀୟ ସମର୍ଥିତ ସରପଞ୍ଚ ପ୍ରାର୍ଥିନୀ ଖଟୁଆଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ସତ୍ୟ ସାରଥୀ କହିଥିଲେ, ସାଧାରଣ ନିର୍ବାଚନରେ ସେ ଦଳୀୟ ବିଧାୟକ ପ୍ରାର୍ଥୀ ଲଢ଼ି ଥିଲେ। ଜିତିଲେ ଜନତାଙ୍କ ପାଖରେ ହାରିଲେ ମଧ ତାଙ୍କ ପାଖରେ ରହିବେ। ତେଣୁ ଦଳୀୟ ସମର୍ଥିତ ପ୍ରାର୍ଥିନୀଙ୍କ ଲାଗି ଭୋଟ ଭିକ୍ଷା କରିଥିଲେ। ଅନ୍ୟପକ୍ଷେ ଶିଳ୍ପ ବିରୋଧୀ ଓ କଂଗ୍ରେସ ସମର୍ଥନରେ ସ୍ୱାଭିମାନ ମଞ୍ଚର ପ୍ରାର୍ଥିନୀ ପିଙ୍କି ଦାସଙ୍କ ପାଇଁ ପୂର୍ବତନ ବିଧାୟକ ଡା. ଲଲାଟେନ୍ଦୁ ମହାପାତ୍ର ପଞ୍ଚାୟତର ବିଭିନ୍ନ ଗାଁରେ ଲୋକଙ୍କୁ ଭେଟି ଭୋଟ ଭିକ୍ଷା କରିଛନ୍ତି। ଉଭୟ ଭାଜପା ଓ ବିଜେଡି ଶକ୍ତି ପ୍ରଦର୍ଶନ କରିଥିବା ବେଳେ ସ୍ୱାଭିମାନ ମଞ୍ଚ ପ୍ରାର୍ଥିନୀଙ୍କ ପାଇଁ ଶିଳ୍ପ ବିରୋଧୀ ନେତା ଦେବେନ୍ଦ୍ର ସ୍ୱାଇଁ ରଣନୀତି ପ୍ରସ୍ତୁତରେ ବ୍ୟସ୍ତ। ୩ ପ୍ରାର୍ଥିନୀଙ୍କ ମଧ୍ୟରେ କଡ଼ା ଟକ୍କର୍ ହେଉଥିବା ବେଳେ ଭୋଟର କାହା ସପକ୍ଷରେ ନିଜର ମତ ସାବ୍ୟସ୍ତ କରିବେ ୮ ତାରିଖ ଗଣତି ପରେ ଜଣାପଡ଼ିବ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

## ବିଜେଡି ପକ୍ଷରୁ ଜନସମ୍ପର୍କ ଯାତ୍ରା ଶୁଭାରମ୍ଭ




**ଜଗତ୍‌ସିଂହପୁର, ୨।୧୦ (ପ୍ରମୋଦ କୁମାର ନାୟକ)**

**ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀ**

ବିଜେଡି ଆହ୍ୱାନକ୍ରମେ ବୁଧବାର ପବିତ୍ର ଗାନ୍ଧୀ ଜୟନ୍ତୀରୁ ରାଜ୍ୟର ବିଭିନ୍ନ ଜିଲାରେ ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଏହି ଅନୁଯାୟୀ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ମଧ ପଦଯାତ୍ରାର ଶୁଭାରମ୍ଭ ହୋଇଛି। ବିଜେଡି ନେତା ଓ କର୍ମୀମାନେ ପ୍ରଥମେ ଗାନ୍ଧି ଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସାରି ପଦଯାତ୍ରାରେ ସାନବଜାରସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଯାଇଥିଲା। ପରେ ନିକଟସ୍ଥ ଏକ ମଣ୍ଡପ ପରିସରରେ ଆୟୋଜିତ ସାଧାରଣ ସଭାରେ ଏକତ୍ରିତ ହୋଇଥିଲେ। ଏଥିରେ ରାଜ୍ୟସଭା ସାଂସଦ ମୁନା ଖାନ, ବିଜେଡି ନେତା ଚିରଞ୍ଜୀବ ବିଶ୍ୱାଳ, ପ୍ରଶାନ୍ତ ମୁଦୁଲି, ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଜଗତ୍‌ସିଂହପୁର ବ୍ଲକ ଅଧକ୍ଷା କନକପ୍ରଭା ଲେଙ୍କା, ବିଜେଡି ବରିଷ୍ଠ ଉପସଭାପତି ଦିପ୍ତୀ ଦାସ, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ରାଉଳ, ମମତା ପରିଡ଼ା, କାଳନ୍ଦୀ ପତି, ଦୀଲିପ ଲେଙ୍କା, ଜଗତ୍‌ସିଂହପୁର ବ୍ଲକ ଉପାଧକ୍ଷ ରତି ରଞ୍ଜନ ବେହେରା, ସୁଜିତ ପୁହାଣ, ନଗର ବିଜେଡି ସଭାପତି ପ୍ରିୟବ୍ରତ ମହାପାତ୍ର, ଜିଲା ଛାତ୍ର ବିଜେଡି ସଭାପତି ସମିତ ଲେଙ୍କା, ବ୍ଲକ ମହିଳା ବିଜେଡି ସଭାପତି ପ୍ରଭାତୀ ମହାନ୍ତି, ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ରାଜୀବ ବେହେରାଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, କାଉନସିଲର ପ୍ରମୁଖ ଯୋଗ ଦେଇଥିଲେ।

## ବିଦ୍ୟାଳୟରୁ କଟାଯାଉଛି ଗଛ, ତହସିଲଦାରଙ୍କୁ ଅଭିଯୋଗ

**ନାଉଗାଁ,୨।୧୦(ସୁଧା ବେହୁରା)**

ନାଉଗାଁ ବ୍ଲକ ଅନ୍ତର୍ଗତ ଅଙ୍ଗେଶ୍ୱରପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗଛକଟାକୁ ନେଇ ସ୍ଥାନୀୟ ଲୋକ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ବିଦ୍ୟାଳୟ ପରିସରରେ ଶହେ ବର୍ଷରୁ ଊର୍ଦ୍ଧ୍ୱ ହେବ ପଞ୍ଚବଟୀରେ ବର ଓ ଅଶ୍ୱତ୍ଥ ଗଛ ରହିଛି। ମଙ୍ଗଳବାର ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ ସ୍ୱାଇଁ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ଅଭୟ ସ୍ୱାଇଁଙ୍କ ଉପସ୍ଥିତିରେ ମେଶିନ ସାହାଯ୍ୟରେ ୫ ଫୁଟ ଗୋଲେଇର ଗଛ ଡାଳସବୁ କଟାଯାଇଥିଲା। ଏହି ବିଷୟରେ ପଚାରିବାରୁ ଆମେ ଉପରୁ ଅନୁମତି ଆଣି କାଟିଛୁ ବୋଲି କହିଥିଲେ। ମଧ୍ୟାହ୍ନଭୋଜନ ପାଇଁ ଜାଳ ନ ଥିବାରୁ ଗଛ କଟାଯାଉଛି।

ସୂଚନାଯୋଗ୍ୟ, ବୃକ୍ଷର ଆବଶ୍ୟକତାକୁ ଗୁରୁତ୍ୱ ଦେଇ ସରକାରୀ ଓ ବେସରକାରୀ ସ୍ତରରେ ଚାରାରୋପଣକୁ ପ୍ରାଧାନ୍ୟ ଦିଆଯାଉଛି। ଏପରିକି ପ୍ରତି ବିଦ୍ୟାଳୟରେ ଇକୋ କ୍ଲବ ତିଆରି କରିବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ହେଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଗଛକଟାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ଅଭିଯୋଗକୁ କୃତ୍ତିବାସ ନାୟକ, ସୀମାଞ୍ଚଳ ନାୟକ, ପୀତବାସ ପାତ୍ର, ମାନସ ପାତ୍ର ପ୍ରମୁଖଙ୍କ ସ୍ୱାକ୍ଷରରେ ପ୍ରଦାନ କରାଯାଇଛି। ଅଭିଯୋଗ ପାଇବା ପରେ ତହସିଲଦାର ଶୁଭାଶିଷ ପରିଡ଼ା ଶିଖର ରାଜସ୍ୱ ନିରୀକ୍ଷକଙ୍କୁ ପଠାଇ ତଦନ୍ତ କରିବା ସହ ଗଛ ଡାଳଗୁଡ଼ିକୁ ଜବତ କରାଯାଇଥିବା ସୂଚନା ଦେଇଛନ୍ତି। ଏ ବିଷୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ ସ୍ୱାଇଁଙ୍କୁ ପଚାରିବାରେ ପ୍ରାର୍ଥନା କରିବା ସମୟରେ ପିଲାଙ୍କ ଦେହରେ ଗଛଡାଳ ବାଜୁଥିବାରୁ ଶିକ୍ଷା କମିଟିର ନିଷ୍ପତ୍ତିକ୍ରମେ କଟାଯାଇଥିବା ସେ କହିଛନ୍ତି।



## ସ୍ୱଭାବରେ ସ୍ୱଚ୍ଛତା ଆଣିବା ଉପରେ ଗୁରୁତ୍ୱ



ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ ଅବସରରେ ଅନୁଷ୍ଠିତ ସଭାରେ ବିଧାୟକ ଅମରେନ୍ଦ୍ର ଦାସ ଓ ଅନ୍ୟମାନେ।

**ଜଗତ୍‌ସିଂହପୁର, ୨।୧୦ (ପ୍ରମୋଦ କୁମାର ନାୟକ)**

**ଜଗତ୍‌ସିଂହପୁରରେ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ**

ପ୍ରତ୍ୟେକ ବ୍ୟକ୍ତି ବିଶେଷ, ଛାତ୍ରୀଛାତ୍ର ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ଜରୁରୀ। ଆତ୍ମ ଚିନ୍ତନ ତଥା ଆତ୍ମ ବିଶ୍ଳେଷଣ କରି କ୍ରୋଧ, ଅହଙ୍କାର ଓ ପରଶ୍ରୀକାତରତାରୁ ଦୂରରେ ରହିପାରିଲେ ଗାନ୍ଧିଜୀଙ୍କ ସ୍ୱପ୍ନର ରାମରାଜ୍ୟ ଗଠନ ହୋଇପାରିବ। ମୋଟାମୋଟି କହିବାକୁ ଗଲେ ପ୍ରତ୍ୟେକ ସ୍ୱଭାବରେ ସ୍ୱଚ୍ଛତା ଆଣି ପାରିଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ। ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଜାତିର ପିତା ମହାତ୍ମା ଗାନ୍ଧୀ, ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ଏବଂ ସ୍ୱଚ୍ଛତା ଦିବସ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଏହା କହିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଜେ. ସୋନାଲ ପୌରୋହିତ୍ୟ କରି ଗାନ୍ଧିଜୀଙ୍କ ସତ୍ୟ, ଅହିଂସା, କର୍ତ୍ତବ୍ୟ ପରାୟଣତା ଆଦି ଉପରେ ବର୍ଣ୍ଣନା କରିଥିଲେ। ଏଥିସହ ଶାସ୍ତ୍ରୀଙ୍କୁ ଶାନ୍ତିର ଦୂତ ବୋଲି ଅଭିହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭାପତି ମନୋଜ ଭୋଇ, ଜଗତ୍‌ସିଂହପୁର ପୌରାଧକ୍ଷା ଅର୍ଚ୍ଚନା ସିଂହ, ଉପାଧକ୍ଷ ରାଜେନ୍ଦ୍ର ବିଷୋୟୀ ପ୍ରମୁଖ ଗାନ୍ଧିଜୀ ତଥା ଶାସ୍ତ୍ରିଜୀଙ୍କ ଜୀବନାଦର୍ଶ ସମ୍ବନ୍ଧିତ ବହୁ ତଥ୍ୟ ଉପସ୍ଥାପନ ସହ ଉପସ୍ଥିତ ଜନତାଙ୍କୁ ଚରିତ୍ର ଗଠନ ଦିଗରେ ଯତ୍ନବାନ ହେବାକୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ଓ ଅନ୍ୟ ଅତିଥିମାନେ ସମ୍ମାନିତ କରିଥିଲେ। ପରେ ସ୍ୱଚ୍ଛତା ହିଁ ସେବା ପକ୍ଷରୁ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସାଥୀ ସୁପରଭାଇଜରମାନଙ୍କୁ ମଧ ସମ୍ମାନିତ କରାଯାଇଥିଲା। ଆୟୋଜିତ ସଭାରେ ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ସ୍ୱାଗତ ଭାଷଣ, ଅତିଥି ପରିଚୟ ଦେବା ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ରାଉତ, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଜଗତ୍‌ସିଂହପୁର ପୌର ନିର୍ବାହୀ ଅଧିକାରୀ ସୀମା ଜେନାଙ୍କ ସମେତ ସ୍ଥାନୀୟ ବରିଷ୍ଠ ନାଗରିକ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକମାନେ ଉପସ୍ଥିତ ଥିଲେ। ଶେଷରେ ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା ଧନ୍ୟବାଦ ଦେଇଥିଲେ। ଜଗତ୍‌ସିଂହପୁର ଥାନା ପରିସର ତଥା ଗାନ୍ଧୀ ଛକଠାରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ସ୍ୱଚ୍ଛତା ହିଁ ସେବା ପରିପ୍ରେକ୍ଷୀରେ ଶ୍ରମଦାନ ଆୟୋଜିତ ହୋଇଥିଲା।

## ଜିଲା କଂଗ୍ରେସ ପକ୍ଷରୁ ଅନ୍ତର୍ଜାତୀୟ ଅହିଂସା ଦିବସ

**ଜଗତ୍‌ସିଂହପୁର, ୨।୧୦ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ଜିଲା କଂଗ୍ରେସ କମିଟି ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଅହିଂସା ଦିବସ ପାଳିତ ହୋଇଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ନଟବର ବାରିକଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ ନେତା ଓ କର୍ମୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରଥମେ ପଦଯାତ୍ରା ଜିଲା କଂଗ୍ରେସ କାର୍ଯ୍ୟାଳୟଠାରୁ ବାହାରି ଜଗତ୍‌ସିଂହପୁର ଥାନା ପର୍ଯ୍ୟନ୍ତ ଯାଇଥିଲା। ପରେ ଥାନା ପରିସର ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ଗାନ୍ଧୀଙ୍କ ଜୀବନୀ ସହ ଶାନ୍ତିଦୂତ ଭାବେ ପରିଚିତ ଲାଲ ବାହାଦୂର ଶାସ୍ତ୍ରୀଙ୍କ ସମର୍ଥିତ ଜୀବନ ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ଜଗତ୍‌ସିଂହପୁର ପୌରାଧକ୍ଷ ବିପ୍ଳବ ଚୌଧୁରୀ, ପୂର୍ବତନ ନଗର କଂଗ୍ରେସ କମିଟି ସଭାପତି ଅଭୟ ମହାନ୍ତି, ପୂର୍ବତନ ବ୍ଲକ କଂଗ୍ରେସ କମିଟିର ମାନସ ରଥ, ସର୍ବେଶ୍ୱର ପଣ୍ଡା, ମହନୀ ରାଉତ, ବିକ୍ରମ ପରିଡ଼ା, ଇମତାଜ ଅଲ୍ଲି ଖାଁ, କୃଷ୍ଣଚନ୍ଦ୍ର ପ୍ରଧାନ, ସମିତି ସଭ୍ୟ ହିମାଂଶୁ ପରିଡ଼ା, ପ୍ରିୟନାଥ ରାୟ, ଭକ୍ତ ଚରଣ ଦାସ, ଶିବାଶିଷ ତ୍ରିପାଠୀ, ପ୍ରସନ୍ନ କୁମାର ସାମନ୍ତରାୟ ଓ ସୌଭାଗ୍ୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।




କଂଗ୍ରେସ ପକ୍ଷରୁ ବାହାରିଥିବା ଅହିଂସା ଦିବସରେ ପଦଯାତ୍ରା।

## ଗାନ୍ଧିଜୀଙ୍କ ଦର୍ଶନ ପୃଥିବୀରେ ବିରଳ



**ଏରସମା,୨।୧୦ (ଦୀପ୍ତି ଖଣ୍ଡୁଆଳ)**

**ଗାନ୍ଧୀ ଜୟନ୍ତୀରେ ଆଲୋଚନା ସଭା**

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ସ୍ୱାଧୀନତା ସଂଗ୍ରାମୀ ସ୍ମୃତିପୀଠ ପରିସରରେ ବୁଧବାର ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ସଂସଦ ପକ୍ଷରୁ ଅନୁଷ୍ଠିତ ଉତ୍ସବରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ହୋଇ ପୀଠ ପରିସରରେ ଥିବା ଗାନ୍ଧିଜୀ ଓ ଏରସମାର ପ୍ରଥମ ବିଧାୟକ ଗୌରୀଶ୍ୟାମ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ନରେନ୍ଦ୍ର କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କୃଷକ ନେତା ପ୍ରସନ୍ନ କୁମାର କୁଅଁର ମୁଖ୍ୟବକ୍ତା ଭାବେ ଉପସ୍ଥିତ ହୋଇ ଗାନ୍ଧିଜୀଙ୍କ ନିଶା ନିବାରଣ ନୀତିକୁ ଆଜିର ଯୁବ ସମାଜ ଗ୍ରହଣ କରିବା ଉଚିତ ବୋଲି କହିଥିଲେ। ଏଥିରେ ସାମ୍ୟବାଦୀ ନେତା ରବି ଦାସ, ଏରସମା ସଚେତନ ନାଗରିକ ମଞ୍ଚର ସଭାପତି ପ୍ରବୀର ପଣ୍ଡା, ଅରୂପାନନ୍ଦ ସ୍ୱାଇଁ, ଜ୍ଞାନ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ହୋଇ ଗାନ୍ଧିଜୀଙ୍କ ସ୍ମୃତିଚାରଣ କରିଥିଲେ।

## ସବୁଠି ଗାନ୍ଧୀ ଜୟନ୍ତୀ, ସ୍ୱଚ୍ଛତା ପକ୍ଷ

**ପାରାଦୀପ,୨।୧୦(ଶରତ ରାଉତ)**

ପାରାଦୀପର ବିଭିନ୍ନସ୍ଥାନରେ ବୁଧବାର ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଜୟନ୍ତୀ ଓ ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳୁ ପାରାଦୀପ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ବେଳାଭୂମି ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଅଧକ୍ଷା ସସ୍ମିତା ଶତପଥୀ, ବନ୍ଦର ଅର୍ଥ ପରାମର୍ଶ ଅଧିକାରୀ ଡି.ଏନ. ସୋଦ୍ଧି ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ପକ୍ଷ ସମାପନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଅଧକ୍ଷ ପି.ଏଲ. ହାରାନ୍ଧ ଯୋଗଦେଇ ସ୍ୱଚ୍ଛତା ସମ୍ପର୍କରେ ଶପଥ ପାଠ କରାଇଥିଲେ। ଇଣ୍ଡିଆନ ଅଏଲ ପାରାଦୀପ ତୈଳ ବିଶୋଧନାଗାର ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଥିଲା। ଏଥିରେ ନିର୍ବାହୀ ନିର୍ଦ୍ଦେଶକ କୌଶିକ ବାସୁ ଯୋଗଦେଇ ଗାନ୍ଧୀଙ୍କ ସ୍ୱଚ୍ଛତା ଉପରେ ଆଲୋଚନା କରିଥିଲେ। ପାରାଦୀପ ମାଛଧରା ବନ୍ଦର ପରିସରରେ କୋଲକତାର ଇଆଇଏ(ରପ୍ତାନୀ ଯାଞ୍ଚ ଏଜେନ୍ସି)ପକ୍ଷରୁ ଗାନ୍ଧୀ ଜୟନ୍ତୀ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଅନୁଷ୍ଠାନର ଡେପୁଟି ଡାଇରେକ୍ଟର ଭରତ ମାଝି, ଓମ୍ଫା ସଭାପତି ଶ୍ରୀକାନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ମା' ସିଦ୍ଧିଦାତ୍ରୀଙ୍କ ଚାମୁଣ୍ଡା ବେଶ

**ନାଉଗାଁ,୨।୧୦(ସୁଧା ବେହୁରା)**

ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ସରାପୋଲ୍ଲିସ୍ଥିତ ସିଦ୍ଧି ଶ୍ରୀକ୍ଷେତ୍ରରେ ଷୋଡ଼ଶ ଦିନାତ୍ମକ ଶାରଦୀୟ ଦୁର୍ଗାପୂଜାର ଅଷ୍ଟମ ଦିବସରେ ମା' ସିଦ୍ଧିଦାତ୍ରୀଙ୍କୁ ଚାମୁଣ୍ଡା ବେଶରେ ସୁସଜ୍ଜିତ କରାଯାଇଛି। ଏହି ବେଶକୁ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଉଥିବା ବେଳେ ଆଶ୍ରମର ସମ୍ପାଦକ ଅକ୍ଷୟ ମିଶ୍ର ଓ ଅନ୍ୟମାନେ ପରିଚାଳନା କରୁଛନ୍ତି।



## ଜଗତ୍‌ସିଂହପୁର ଜିଲାକୁ ମଦମୁକ୍ତ ଦାବିରେ ବିକ୍ଷୋଭ

**ଜଗତ୍‌ସିଂହପୁର, ୨।୧୦ (ପ୍ରମୋଦ କୁମାର ନାୟକ)**

ସମ୍ପ୍ରତି ଦେଶୀ, ବିଦେଶୀ ମଦ ସାଙ୍ଗକୁ ଗଞ୍ଜେଇ, ବ୍ରାଉନସୁଗାର, ଚରସ ଓ ହିରୋଇନ ଆଦି ମାରାତ୍ମକ ନିଶା ସମାଜକୁ ବିପଦଗାମୀ କରି ଦେଉଛି। ଏହା ବିଶେଷ କରି ପରିବାର ଓ ଦେଶର ଭବିଷ୍ୟତ କୁହାଯାଉଥିବା ଯୁବଗୋଷ୍ଠୀଙ୍କୁ କବଳିତ କରି ଚାଲିଛି। ଗାଁ ଗାଁରେ ଚୋରା ତଥା ବେଆଇନ ମାଦକ ଦ୍ରବ୍ୟ କାରବାର ଚିନ୍ତାର କାରଣ ହୋଇଛି। ନିର୍ବାଚନ ସମୟରେ ଏହା ହଟାଇବାକୁ ରାଜନେତାମାନେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ବେଆଇନ ନିଶା କାରବାର ଉପରେ ଅଙ୍କୁଶ ଲାଗି ପାରିଲା ନାହିଁ। ଯେଉଁ କାରଣରୁ ସମାଜ ଗୁରୁତର ଭାବେ ପ୍ରଭାବିତ ହେବା ସହ ବିକାଶ ବାଧାପ୍ରାପ୍ତ ହେଉଛି। ବ୍ୟକ୍ତିର ଆର୍ଥିକ, ମାନସିକ ଓ ଶାରୀରିକ କ୍ଷତି ଘଟୁଛି। ଏପରି କି ମୃତ୍ୟୁ ଘଟୁଛି। ତେଣୁ ସରକାର ଜଗତ୍‌ସିଂହପୁର ଜିଲାରୁ ସରକାରୀ, ବେସରକାରୀ ନିଶା ପ୍ରଚଳନ ବନ୍ଦ କରନ୍ତୁ। ନଚେତ ଜିଲାରେ ନିଶା ଜନିତ କ୍ଷୟକ୍ଷତି ପାଇଁ ସରକାର ତଥା ପ୍ରଶାସନ ଦାୟୀ ରହିବ। ବୁଧବାର ଜଗତ୍‌ସିଂହପୁର ମଦ ବିରୋଧୀ ଅଭିଯାନ ପକ୍ଷରୁ ଏଭଳି ଚେତାବନୀ ଦିଆଯାଇଛି। ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଅଭିଯାନ ପକ୍ଷରୁ ଜିଲାକୁ ନିଶା ମୁକ୍ତ କରିବା ପାଇଁ ବିକ୍ଷୋଭ କରାଯାଇଥିଲା। ପ୍ରଥମେ ଅଭିଯାନ ଆବାହିକା ବିଜୟଲକ୍ଷ୍ମୀ ମହାପାତ୍ରଙ୍କ ଆହ୍ୱାନକ୍ରମେ ଶତାଧିକ ମହିଳାପୁରୁଷ ଜଗତ୍‌ସିଂହପୁର ଥାନା ପରିସର ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଏକତ୍ରିତ ହୋଇଥିଲେ। ସେଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଆୟୋଜିତ ସମାବେଶରେ ମାଦକ ଦ୍ରବ୍ୟ ଚୋରା କାରବାର ଏବଂ ଏହାର କୁପରିଣାମ ଉପରେ ଅଭିଯାନ ନେତାମାନେ ଭାଷଣ ଦେଇଥିଲେ। ସମାବେଶରେ ଜିଲାର ନାରୀ ନେତ୍ରୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସେମାନେ ହେଲେ ଗୀତାଞ୍ଜଳି ନନ୍ଦ, ସବିତା ସ୍ୱାଇଁ, ପୁଷ୍ପଲତା ସାହୁ, ସସ୍ମିତା ସାହୁ, ଚାରୁଲତା ସାହୁ, କନକଲତା ମୁଦୁଲି, ଜୟନ୍ତୀ ସାହୁ, ସତ୍ୟଭାମା ବାରିକ, ନିବେଦିତା ଜେନା, ନମିତା ସାହୁ, ନମିତା ମହାନ୍ତି, ତପସ୍ୱିନୀ ଭୋଳ, ସ୍ୱର୍ଣ୍ଣଲତା ଦାସ, ଆରତୀ ଦାସ, ରଞ୍ଜିତା ମହାନ୍ତି, ସ୍ମିତା କର, ଅଞ୍ଜଳି ଜେନା, ସୁମିତ୍ରା ସାହୁ, ପୁଷ୍ପଲତା ପଣ୍ଡା, ସୁଲୋଚନା ପୁହାଣ, ସତ୍ୟଭାମା ବାରିକ, ପ୍ରଭାତି ପୋଥାଳ, ମନ୍ଦାକିନୀ ମହାନ୍ତି ଓ ଭକ୍ତିମୟୀ ଓଝା। ଏଥିସହ ବୈକୁଣ୍ଠ ବିଶ୍ୱାଳ, ରଘୁ ସ୍ୱାଇଁ, ଗୋବିନ୍ଦ ଓଝା, ରମାରଞ୍ଜନ ସ୍ୱାଇଁ, ଉମେଶ ଲେଙ୍କା, ଗୌରାଙ୍ଗ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜ୍ୟ ଓ ଜିଲାକୁ ସମ୍ପୂର୍ଣ୍ଣ ମଦମୁକ୍ତ ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା।




ମଦ ବିରୋଧୀ ଅଭିଯାନ ପକ୍ଷରୁ ବାହାରିଥିବା ପଦଯାତ୍ରା।

## ପାରାଦୀପରେ ବିଜେଡିର ସମାନ୍ତରାଳ ଜନସମ୍ପର୍କ ପଦଯାତ୍ରା

**ପାରାଦୀପ,୨।୧୦(ଶରତ ରାଉତ)**

- ସକାଳେ ବସନ୍ତ, ସନ୍ଧ୍ୟାରେ ସମ୍ବିତଙ୍କ ସମର୍ଥକ
- ଶାସକ ଦଳକୁ ଘେରିବାକୁ ଯାଇ ନିଜ ମଧରେ ବିରୋଧ

ପାରାଦୀପ ବିଜେଡିରେ ଚାଲିଥିବା କନ୍ଦଳ ଏବେ ଉଗ୍ର ରୂପ ନେଇଛି। ବିଜେଡି ପ୍ରଥମ କରି ବିରୋଧୀ ଦଳ ଭାବେ ଅକ୍ଟୋବର ୨ରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ କରିଛି। ଏଥିରେ ଶାସକ ଦଳର ବିଫଳତା ଉପରେ ଲୋକଙ୍କୁ କହିବା କଥା। କିନ୍ତୁ ପାରାଦୀପ ବିଜେଡିରେ ଏହାର ବ୍ୟତିକ୍ରମ ବୁଧବାର ଦେଖିବାକୁ ମିଳିଛି। ଅର୍ଥାତ୍ ଦଳ ପକ୍ଷରୁ ୨ ଥର ଜନସମ୍ପର୍କ ପଦଯାତ୍ରା କରାଯାଇଛି। ସକାଳେ ପାରାଦୀପ ନଗର ବିଜେଡି ସଭାପତି ତଥା ପୌରାଧକ୍ଷ ବସନ୍ତ ବିଶ୍ୱାଳ ଓ ତାଙ୍କ ସମର୍ଥକମାନେ ଏବଂ ସନ୍ଧ୍ୟାରେ ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ ଓ ତାଙ୍କ ସମର୍ଥକମାନେ ଜନସମ୍ପର୍କ ପଦଯାତ୍ରା କରିଥିଲେ। କୌତୂହଳ ବିଷୟ ହେଲା, ସମାନ ଜାଗା ଓ ମଞ୍ଚରେ ଏସବୁ ଘଟଣା ଘଟିଥିଲା। ବୁଧବାର ସକାଳେ ବସନ୍ତଙ୍କ ସମେତ ଆଗଧାଡ଼ିର କର୍ମୀ, ଦଳୀୟ କାଉନ୍‌ସିଲରଙ୍କ ସମେତ ହଜାରରୁ ଅଧିକ ଲୋକ ମଧୁବନ ଅତିରିକ୍ତ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ପଦଯାତ୍ରା ଆରମ୍ଭ କରିଥିଲେ। ଆୟୋଜିତ ସଭାରେ ବସନ୍ତଙ୍କ ସମେତ ଉଲ୍ଲାସ ବିଶ୍ୱାଳ, ନଳିନୀ ସାହୁ, ଚପଳା ସ୍ୱାଇଁ, ମନୋଜ କୁମାର ବେହେରା, ଶଙ୍କର ରାଉତ, କାମଲା ଜଗନ୍ନାଥ, ଗୋଲେଖ ସାହୁ ପ୍ରମୁଖ ଶାସକ ଭାଜପା ସରକାରଙ୍କ ବିଫଳତା ଉପରେ ଆଲୋଚନା କରିଥିଲେ। ସବୁଥର ପରି ଆମେ ଏଥର ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ କାମ କରିବା ବୋଲି ଶପଥ ନେଇଥିଲେ। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ପଦଯାତ୍ରା ଚାଲିବ ବୋଲି ବସନ୍ତ କହିଥିଲେ।

ସନ୍ଧ୍ୟାରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରା ସଭାରେ ପୂର୍ବତନ ବିଧାୟକ ସମ୍ବିତ, ପୂର୍ବତନ ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ, ବିଧାୟିକା ପ୍ରାର୍ଥୀ ଗୀତାଞ୍ଜଳି ରାଉତରାୟ, ବରିଷ୍ଠ ବିଜେଡି ନେତା ଅରିନ୍ଦମ ସର୍ଖେଲ (ବାପି), ପୌର ଉପାଧକ୍ଷା ଛବିଲତା ରାଉତଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏମାନେ ମଧ ସମାନ ଭାବେ ରାଜ୍ୟ ସରକାରଙ୍କ ନୀତିକୁ ସମାଲୋଚନା କରିଥିଲେ। ପୁଣି ଥରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବେ। ସେଥିପାଇଁ ଏବେଠାରୁ ଆମକୁ କାମ କରିବାକୁ ହେବ ବୋଲି ସମ୍ବିତ କହିଥିଲେ। ସମାନ୍ତରାଳ ଜନସମ୍ପର୍କ ପଦଯାତ୍ରା ସମ୍ପର୍କରେ ସମ୍ବିତଙ୍କୁ ପଚାରିବାରେ ସେମିତି କିଛି ନାହିଁ। ସକାଳେ ମଧ ଆମ ଦଳର କାଉନ୍‌ସିଲର ଓ ଅନ୍ୟ କର୍ମୀମାନେ କରିଥିଲେ। ଆମେ ରାହାମା କୁଜଙ୍ଗରେ କରିଥିଲୁ, ଏବେ ଏଠାରେ କଲୁ। ସମାନ ପ୍ରସଙ୍ଗରେ ବସନ୍ତ କହିଥିଲେ, ଦଳର ସଭାପତିଙ୍କ ନିର୍ଦ୍ଦେଶମତେ ଆମେ କରିଥିଲୁ। ସମସ୍ତ ଆଗଧାଡ଼ିର ନେତା ଓ କର୍ମୀଙ୍କୁ ଯୋଗ ଦେବାକୁ କହିଥିଲୁ। ସୂଚନାଯୋଗ୍ୟ, ଏହି ଘଟଣାକୁ ନେଇ ରାହାମା, କୁଜଙ୍ଗ, ପାରାଦୀପରେ ସାଧାରଣ ନିର୍ବାଚନ ପରଠାରୁ ବିଜେଡି ନେତାମାନେ ପରସ୍ପରକୁ ଦୋଷାରୋପ କରୁଛନ୍ତି। ଦଳର ପରାଜୟ ପରେ ପ୍ରତିପକ୍ଷ ଦଳ ଅପେକ୍ଷା ନିଜ ମଧ୍ୟରେ ଲଢୁଛନ୍ତି, ଯାହା ବେଳକୁବେଳ ରୋଚକ ହେବାରେ ଲାଗିଛି।



ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ପକ୍ଷରୁ ବାହାରିଥିବା ଜନ ସମ୍ପର୍କ ପଦଯାତ୍ରା।



ପୂର୍ବତନ ବିଧାୟକ ସମ୍ବିତ ରାଉତରାୟଙ୍କ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ପରେ ହେଉଥିବା ସଭା।

# ଗାନ୍ଧିଜୀ ୮୦ ହଜାର କିମି ପାଦରେ ଚାଲି ସତ୍ୟ, ଅହିଂସାର ପ୍ରଚାର କରିଥିଲେ

ନୟାଗଡ଼,୨।୧୦(ଲୋକନାଥ ମିଶ୍ର)


ନୟାଗଡ଼ରେ ଆୟୋଜିତ ୭୮ ମିଟର ତ୍ରିରଙ୍ଗା ଶୋଭାଯାତ୍ରା।


ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ଅତିଥି।

■ ଗାନ୍ଧୀ ଦର୍ଶନ ଓ ବିଚାର ପ୍ରାସଙ୍ଗିକତା ଶୀର୍ଷକ ଆଲୋଚନାଚକ୍ର
■ ୭୮ ମିଟର ତ୍ରିରଙ୍ଗା ଶୋଭାଯାତ୍ରା

ବୁଧବାର ମହାତ୍ମା ଗାନ୍ଧୀଙ୍କ ଜନ୍ମତିଥିରେ ଗାନ୍ଧୀ ବିଚାର ପ୍ରଚାର ମଞ୍ଚ ଆନୁକୂଲ୍ୟରେ ୭୮ ବର୍ଷ ଦେଶ ସ୍ୱାଧୀନତା ସ୍ମାରକୀ ଭାବେ ୭୮ ମିଟର ତ୍ରିରଙ୍ଗା ଶୋଭାଯାତ୍ରା ନୟାଗଡ଼ ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ସମ୍ମିଳନୀ କକ୍ଷରେ 'ଗାନ୍ଧୀ ଦର୍ଶନ ଓ .ବିଚାର ପ୍ରାସଙ୍ଗିକତା'ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଗାନ୍ଧିଜୀଙ୍କ ସତ୍ୟ, ଅହିଂସା ଏବଂ ସତ୍ୟାଗ୍ରହ ପ୍ରଚାର ପ୍ରସାର କରାଇବା ପାଇଁ ଏଭଳି ଆଲୋଚନା ଚକ୍ରର ଆବଶ୍ୟକତା ଉପରେ ମଞ୍ଚ ଆବାହକ ବରିଷ୍ଠ ଆଇନଜୀବୀ ରଣଜିତ ଦାଶ ମତ ରଖିଥିଲେ । ଏହି ଆଲୋଚନାଚକ୍ରରେ ଆଲୋଚକ ଭାବେ ପୂର୍ବତନ ମନ୍ତ୍ରୀ ଅରୁଣ କୁମାର ସାହୁ ଯୋଗ ଦେଇ ଗାନ୍ଧୀ ବିଚାରଧାରା ପ୍ରାସଙ୍ଗିକତା ଉପରେ ସକାରାତ୍ମକ ଆଲୋଚନା କରିଥିଲେ। ବିଧାୟକ ସାହୁ ଗାନ୍ଧୀ ଦର୍ଶନ ସମ୍ପର୍କିତ ଆଲୋଚନା କରି ଗାନ୍ଧୀଜୀଙ୍କ ଲିଖିତ ପୁସ୍ତକ ଏକ୍ସପେରିମେଣ୍ଟ ଅଫ୍ ଟ୍ରୁଥକୁ ବିଶ୍ଳେଷଣ କରି ସତ୍ୟର ପୂଜାରୀ ଥିଲେ ଗାନ୍ଧୀ ବୋଲି କହିଥିଲେ। ସତ୍ୟ କହିବା ପାଇଁ ସେ ଭୟ କରୁ ନ ଥିଲେ । ସ୍ୱାଧୀନତା ସଂଗ୍ରାମ ବେଳେ ଗାନ୍ଧୀ ସାରା ଦେଶରେ ପ୍ରାୟ ୮୦ ହଜାର କିଲୋମିଟର ପାଦରେ ଚାଲିଚାଲି ସତ୍ୟ ଅହିଂସା ବାର୍ତ୍ତା ପ୍ରଚାର କରିଥିବା କହିଥିଲେ। ଗାନ୍ଧିଜୀଙ୍କ ଜୀବନଚାର୍ଯ୍ୟା ଆଲୋଚନା କରି ତାଙ୍କ ପ୍ରତ୍ୟହ ଖାଦ୍ୟ ପାନୀୟ ଶୈଳୀକୁ ଆଜିର ଯୁବ ସମାଜ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ ।

ଅନ୍ୟତମ ଆଲୋଚକ ଭାବେ ଓଡ଼ିଶା ହାଇକୋର୍ଟ ବରିଷ୍ଠ ଆଇନଜୀବୀ ତଥା ରାଜ୍ୟ ଆଇନଜୀବୀ ପରିଷଦ ସଭ୍ୟ ବିଭୁପ୍ରସାଦ ତ୍ରିପାଠୀ କହିଥିଲେ ସ୍ୱାଧୀନତା ସଂଗ୍ରାମରେ ଅହିଂସା ସତ୍ୟାଗ୍ରହସ୍କୁ ଅସ୍ତ୍ର କରି ବିଶାଳ ବ୍ରିଟିଶ ସାମ୍ରାଜ୍ୟକୁ ଭାରତରୁ ତଡିବା ପାଇଁ ଗାନ୍ଧିଜୀ ସକ୍ଷମ ହୋଇପାରି ଥିଲେ । ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଜିଲା ପରିଷଦ ଅଧ୍ୟକ୍ଷ୍ୟ ଦେବାଶିଷ ପଟ୍ଟନାୟକ, ବରିଷ୍ଠ କମ୍ୟୁନିଷ୍ଟ ନେତା ନାଟ୍ୟକାର ବିଶ୍ୱନାଥ ମହାପାତ୍ର ଏବଂ ପ୍ରଧାପକ ଅଶୋକ ନାୟକ ଯୋଗଦେଇ ଗାନ୍ଧୀ ଦର୍ଶନ ଏବଂ ବିଚାର ଆବଶ୍ୟକତା ଭାରତବର୍ଷ ପାଇଁ ଥିଲା, ରହିଛି ଏବଂ ରହିଥିବ ବୋଲି ମତ ରଖିଥିଲେ । ଖବରଦାତା ଜୟେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ । ଏହି ଆଲୋଚନାଚକ୍ର ରେ ବହୁ ବୁଦ୍ଧିଜୀବୀ, ଆଇନଜୀବୀ, କାଉନସିଲର ଓ ଖବରଦାତାମାନେ ଉପସ୍ଥିତ ଥିଲେ ।

# ଅବହେଳିତ ଅବସ୍ଥାରେ ଗାନ୍ଧୀ ସ୍ମୃତି ଭବନ

ସୋରଡା,୨।୧୦(ରଜନୀ ମହାପାତ୍ର)



ସୋରଡାରେ ବୁଧବାର ଗାନ୍ଧୀ ସ୍ମୃତି ସେବା ସଂଘ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଛି। ଲଡୁ କିଶୋର ଦାଶଙ୍କ ତତ୍ତ୍ୱାବଧାନରେ ଗାନ୍ଧୀ ସ୍ମୃତି ଭବନରେ ହୋଇଥିବା କାର୍ଯ୍ୟକ୍ରମରେ ସୋରଡା ଏନଏସି ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳ, ଅଧ୍ୟକ୍ଷ ଶିବ ଶଙ୍କର ପଣ୍ଡା ଓ କାଉନସିଲରମାନେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଗାନ୍ଧୀ ସ୍ମୃତି ଭବନର ନିର୍ମାଣ କାର୍ଯ୍ୟ ଏଯାଏ ସମ୍ପୂର୍ଣ୍ଣ ନ ହେବା ନେଇ ଆଲୋଚନା ହୋଇଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ୨୦୧୪-୧୫ ଆର୍ଥିକ ବର୍ଷରେ ଦେଇଥିବା ୭ ଲକ୍ଷ ଟଙ୍କା ଅନୁଦାନରେ ନିର୍ମାଣ ଆରମ୍ଭ ହୋଇଥିବା ଏହି ଭବନ ପ୍ରତି ବିଡିଓ ଏବଂ ଅଧିକାରୀମାନେ ଦୃଷ୍ଟି ଦେଉନାହାନ୍ତି। ଅଧପାନ୍ତରିଆ ହୋଇ ପଡିଥିବା ଏହି ସ୍ମୃତି ଭବନରେ ଝରକା ନାହିଁ କି କବାଟ ନାହିଁ। ବୁଲା ଗୋରୁଙ୍କ ଏହାର ପରିସର ଚରାଭୂମି ପାଲଟିଛି। ନିଶାସକ୍ତ ବ୍ୟକ୍ତିଙ୍କ ଆଡ୍ଡା ଏଠାରେ ଦେଖିବାକୁ ମିଳୁଛି। ତେବେ କେବଳ ଜାତୀୟ ଦିବସ ପାଳନରେ ଏହି ସ୍ମୃତି ଭବନ ସଫାସୁତୁରା କରାଯାଉଛି। ସଂଘ ସଭାପତି ଦାଶ ଏ ସମ୍ପର୍କରେ ଜିଲା ପ୍ରଶାସନଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରଶାସନ କହି, ପତ୍ର ଲେଖି କିଛି ସୁଫଳ ମିଳିନି। ଅଧିକାରୀମାନେ କେବଳ ମିଛ ପ୍ରତିଶ୍ରୁତି ଦେଇଛନ୍ତି ବୋଲି କହିଥିଲେ। ଏ ସମ୍ପର୍କରେ ଅଧ୍ୟକ୍ଷ ପଣ୍ଡା କହିଲେ ଖୁବ୍‌ଶୀଘ୍ର ଏହି ଭବନରେ କବାଟ ଓ ଝରକା ଲଗାଯିବ। ଗାନ୍ଧୀ ସ୍ମୃତି ଭବନର ପୁନରୁଦ୍ଧାର କାର୍ଯ୍ୟ ଶୀଘ୍ର ତ୍ୱରାନ୍ୱିତ କରାଯିବ ଏବଂ ଏଥିରେ ଗାନ୍ଧୀଜୀଙ୍କ ସ୍ୱାଧୀନତା ସଂଗ୍ରାମର ସ୍ମୃତି ରଖାଯିବ ବୋଲି ନିର୍ବାହୀ ଅଧିକାରୀ ବିଶ୍ୱାଳ ପ୍ରତିଶ୍ରୁତି ଦେଇଥିଲେ।

# ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଓଡ଼ଗାଁ,୨।୧୦(ଆଦର୍ଶ କୁମାର ପଟ୍ଟନାୟକ )

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକର ୧୫ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁମହୋତ୍ସବ ସୁରଭି ୨୦୨୪ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଜନଶକ୍ତି ସରକାରୀ ଉଚ୍ଚ ବିଦ୍ୟାଳୟ ଦେଓଗାଁ ଭାଲିଆଡିହିଠାରେ ମଶାବାରୀ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କନିଷ୍ଠ ଓ ବରିଷ୍ଠ ବର୍ଗର ପ୍ରତିଯୋଗୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ଗୀତ, ଦଳଗତ ନୃତ୍ୟ, ବକ୍ତୃତା, କୁଇଜ, ତର୍କ, ସୃଜନଶୀଳ ଲିଖନ, ଶ୍ରୁତଲିଖନ, ହସ୍ତାକ୍ଷର, ପ୍ରବନ୍ଧ ଲିଖନ, ପ୍ରଧାନମନ୍ତ୍ରୀ ପୋଷଣ ଶିଳ୍ପକଳା ଓ ପୋଷଣ ଚିତ୍ରକଳା ଏହିପରି ୧୨ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଡ. ଅଧିବାସ ପଣ୍ଡା, ପଞ୍ଚାନନ ପଣ୍ଡା, ସାରସ କୁମାର ମିଶ୍ର, ସ୍ୱରୂପ ରଞ୍ଜନ ମିଶ୍ର, ଡାକ୍ତର ଦେବୀପ୍ରସାଦ ପଣ୍ଡା, ଟୁଇଁକିଲ ବିଶ୍ୱାଳ ବିଚାରକ ଭାବେ ଯୋଗଦେଇଥିଲେ। ଅପରାହ୍ନରେ ଦଳଗତ ନୃତ୍ୟ ସଂଗୀତ ପ୍ରତିଯୋଗୀତା ପରେ ମଶାବାରୀ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଯଶୋବନ୍ତ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ପାଣ୍ଡେରିପଡା ପଞ୍ଚାୟତ ସରପଞ୍ଚ ଗାୟତ୍ରୀ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ବରିଷ୍ଠ ଖବରଦାତା ଅଶୋକ କୁମାର ମହାପାତ୍ର ମୁଖ୍ୟବକ୍ତା ଏବଂ ରଘୁନାଥ ଆଥଲେଟିକ ଆସୋସିଏଶନ ସମ୍ପାଦକ ଦିବାକର ନାୟକ ସ୍ୱତନ୍ତ୍ର ଅତିଥି ଭାବେ ଏବଂ ପ୍ରଧାନ ଶିକ୍ଷକ ରଣଜିତ୍ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଶିକ୍ଷକ ଭାବଗ୍ରାହୀ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ । କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ବ୍ଲକସ୍ତରୀୟ ଶିଶୁ ଉତ୍ସବ ସୁରଭିକୁ ମନୋନୀତ ହୋଇଥିଲେ।

# ଖଣ୍ଡପଡ଼ାରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ


ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

ଖଣ୍ଡପଡ଼ା,୨।୧୦(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ମଧୁବନ ମନି ଷ୍ଟାଡିୟମ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା । ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଏନଏସି କାର୍ଯ୍ୟାଳୟ ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ଅବସରରେ ସ୍ୱଚ୍ଛତା ହିଁ ସେବା ଉପରେ ସହରବାସୀଙ୍କୁ ସଚେତନ କରାଯାଇଥିଲା । ଏ ଅବସରରେ ଡ଼ଷ୍ଟବିନ ବ୍ୟବହାର କରୁଥିବା ଜନସାଧାରଣଙ୍କୁ ଏନଏସି ପକ୍ଷରୁ ପୁରସ୍କାର ପ୍ରଦାନ କରିଥିଲେ । ଖଣ୍ଡପଡ଼ା ନଗର ଭାଜପା ପକ୍ଷରୁ ମଧୁବନ ମିନିଷ୍ଟାଡିୟମ ପରିସରସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସେହିପରି ଖଣ୍ଡପଡା ବ୍ଲକ ପରିସରସ୍ଥିତ ମହାତ୍ମାଗାନ୍ଧୀ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷା ସ୍ମିତା ଶେଫାଳି ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତର ପାଳନ ଅବସରରେ ସ୍ମୃତିଚାରଣ ସଭା ଓ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ବ୍ରହ୍ମପୁରରେ ଭାଜପା ମହିଳା ମୋର୍ଚ୍ଚା ସମ୍ମିଳନୀ

ବ୍ରହ୍ମପୁର,୨।୧୦(ନରସିଂହ ସାହୁ)

ଦକ୍ଷିଣାଞ୍ଚଳ ସ୍ତରୀୟ ଭାଜପା ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କ ସମ୍ମିଳନୀ ବୁଧବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷା ଭି. ଶ୍ରୀନିଭାସନ ଏଥିରେ ଯୋଗ ଦେଇଥିଲେ। ପାର୍ଟିର ସଂଗଠନକୁ ଅଧିକ ମଜଭୁତ କରିବା ପାଇଁ ମହିଳା ସଦସ୍ୟତା ସଂଖ୍ୟା ବଢ଼ାଇବାକୁ ସେ ଗୁରୁତ୍ୱ ଦେଇଥିଲେ। କେନ୍ଦ୍ରୀୟ ଓ ରାଜ୍ୟ ନେତାଙ୍କ ନିଷ୍ଠାପର ପ୍ରୟାସରୁ ପ୍ରଥମ କରି ଓଡ଼ିଶାରେ ଭାଜପା ସରକାର ହୋଇଥିବାରୁ ରାଜ୍ୟବାସୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମକୁ ବବିତା ପାତ୍ର ସଂଯୋଜନା କରିଥିଲେ।

ସମ୍ମିଳନୀରେ ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ଘୁମୁସର ସାଙ୍ଗଠନିକ ଜିଲାରୁ କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରସଙ୍ଗରେ ହୋଇଥିବା ଆଲୋଚନାରେ ରଶ୍ମିମୟୀ ପଟ୍ଟନାୟକ, ମନିଶା ବେହେରା, ରଶ୍ମିରେଖା ଦାସ, ଇତିଶ୍ରୀ ଜେନା, ସୁବାସିନୀ ବଳ, ସବିତା ସାହୁ, ବନିତା ସାହୁ, ସାବିତ୍ରୀ ନାୟକ, ରତ୍ନଗର୍ଭା ସରସ୍ୱତୀ, ଏସ. ରାଣୀ ପ୍ରମୁଖ ଭାଗ ନେଇଥିଲେ।

# ଏମ୍‌କେସିଜିରେ ନୂତନ ପଥ୍ୟ ବିଭାଗ ଉଦ୍‌ଘାଟିତ

## ରନ୍ଧା ଖାଦ୍ୟ ପାଇବେ ରୋଗୀ, ଅନୁଧ୍ୟାନ କରିବେ ଡାଏଟିସିଆନ



ବ୍ରହ୍ମପୁର,୨।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଏମ୍‌କେସିଜିରେ ମେଡିକାଲ କଲେଜ ଓ ହସ୍ପିଟାଲରେ ନୂତନ ପଥ୍ୟ ବିଭାଗ ଉଦ୍‌ଘାଟିତ ହୋଇଛି। ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡା.ନରେନ୍ଦ୍ର ବେହେରା, ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡା, ବରିଷ୍ଠ ସହାୟକ ପ୍ରେମାନନ୍ଦ ପଟ୍ଟନାୟକ, ଷ୍ଟୋର ମେଡିକାଲ ଅଫିସର ଚିନ୍ମୟ ଦେବାଶିଷ ପଣ୍ଡାଙ୍କ ବହୁ ଅଧିକାରୀଙ୍କ ଉପସ୍ଥିତିରେ ଏହା ଉଦ୍‌ଘାଟନ ହୋଇଛି । ପୂର୍ବରୁ ଏଠାରେ ପଥ୍ୟ ବିଭାଗ ଥିଲା କିନ୍ତୁ ପରବର୍ତ୍ତୀ ସମୟରେ ତା'କୁ ପରିବର୍ଦ୍ଧିତ କରି ନୂତନ ବିଭାଗ କରାଯାଇଛି। ଏମକେସିଜିରେ ବିଗତ ୧୫ବର୍ଷ ଧରି ଏକ ନିର୍ଦ୍ଦିଷ୍ଟ ସଂସ୍ଥା ରୋଗୀଙ୍କୁ ଖାଦ୍ୟ ଯୋଗାଣ କରୁଥିଲା। ଅଳ୍ପ କିଛି ରୋଗୀଙ୍କୁ ରନ୍ଧା ଖାଦ୍ୟ ମିଳୁଥିବା ବେଳେ ଅନ୍ୟ ରୋଗୀଙ୍କୁ ଶୁଖିଲା ଖାଦ୍ୟ ଦିଆଯାଉଥିଲା। ଯାହାକୁ ନେଇ ନିୟମିତ ରୋଗୀ ଅଭିଯୋଗ କରୁଥିଲେ। ଏଭଳି ରୋଗୀଙ୍କ ଖାଦ୍ୟ ଯାଞ୍ଚ କରିବା ପାଇଁ ଏଠାରେ ଡାଏଟେସିଆନ ବି ନ ଥିଲେ । ମେଡିକାଲ ପକ୍ଷରୁ ନୂତନ ଟେଣ୍ଡର ଆହ୍ୱାନ କରାଯାଇଥିବା ବେଳେ ନିଶ୍ଚିନ୍ତ ମଲ୍ଟିପୁଲ ସର୍ଭିସ ପ୍ରାଇଭେଟ ଲିମିଟେଡ ନାମକ ଏକ ସଂସ୍ଥା ଏହି ଟେଣ୍ଡର ପାଇଥିଲା। ତେବେ ଅତ୍ୟାଧୁନିକ ଢାଞ୍ଚାରେ ସୁସ୍ଥକର ପରିବେଶରେ ରୋଗୀଙ୍କୁ ଖାଦ୍ୟ ଯୋଗାଇବାକୁ ହସ୍ପିଟାଲ ପକ୍ଷରୁ ଠିକା ସଂସ୍ଥାକୁ ନିର୍ଦ୍ଦେଶ ହୋଇଛି।

# ମହାତ୍ମା ଗାନ୍ଧୀ,ଶାସ୍ତ୍ରୀ ଜୟନ୍ତୀ ପାଳିତ



ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି।

ଶରଣକୁଳ,୨।୧୦(ଦୀପକ କର)

ଶରଣକୁଳ ବାପୁଜୀ ସେବା ସଂଘ ପରିସରରେ ପୂର୍ବତନ ଜିଲା ପରିଷଦ ସଭ୍ୟ ମଦନ ନନ୍ଦଙ୍କ ପୌରୋହିତ୍ୟରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ଶ୍ରମିକ ନେତା ପବିତ୍ର ଇନ୍ଦ୍ରଜିତ, ସାମାଜିକ କର୍ମୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ଶିକ୍ଷାବିତ୍ କିଶୋର ଚନ୍ଦ୍ର କର, ଜିଲା କୃଷକ ମୋର୍ଚ୍ଚା ସମ୍ପାଦକ ପ୍ରମୋଦ କୁମାର ପ୍ରଧାନ, ଅଧ୍ୟାପକ ଅନ୍ତର୍ଯ୍ୟାମୀ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ । ପ୍ରଥମେ ଅତିଥିମାନେ ଦୁଇ ମହାପୁରୁଷଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପରେ ମୁଖ୍ୟବକ୍ତା ଅଧ୍ୟାପକ ଅନ୍ତର୍ଯ୍ୟାମୀ ପରିଡ଼ା ପ୍ରମୁଖ ଗାନ୍ଧୀଙ୍କ ବିଚାର ଧାରା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସେହିପରି ଶରଣକୂଳ ଆଖ ପାଖ ଅଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନ ଏବଂ ସାମାଜିକ ଅନୁଷ୍ଠାନରେ ଗାନ୍ଧିଜୀ ଏବଂ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି।

# ମିନି ଷ୍ଟାଡିୟମରେ ମହାତ୍ମା ଗାନ୍ଧୀଙ୍କ ଭଗ୍ନ ପ୍ରତିମୂର୍ତ୍ତି

ଖଣ୍ଡପଡ଼ା,୨।୧୦(ଅଜୟ କୁମାର ମହାରଣା)



ମହାତ୍ମା ଗାନ୍ଧୀଙ୍କୁ ନେଇ ଆମେ ଗର୍ବିତ। ବୁଧବାର ତାଙ୍କ ୧୫୫ତମ ଜୟନ୍ତୀ ସାରା ଦେଶରେ ପାଳନ ହୋଇଛି । ହେଲେ ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ଭଗ୍ନ ପ୍ରତିମୂର୍ତ୍ତିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସେଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି କିଛି ଅଂଶ ଭାଙ୍ଗି ଯାଇଛି। ମୁହଁ ଓ ନାକର କିଛି ଅଂଶ ଭାଙ୍ଗି ଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ମରାମତି କରାଯାଉନାହିଁ। ବୁଧବାର ଜୟନ୍ତୀ ଦିବସ ପାଳନ ଅବସରରେ ଏହା ନଜରକୁ ଆସିଥିଲା । ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ ପାଇଁ ସେଠାକୁ ଯାଇଥିବା ବିଧାୟକଙ୍କ ସମେତ ଗଣ୍ୟମାନ୍ୟ ବ୍ୟକ୍ତିମାନେ ପ୍ରତିମୂର୍ତ୍ତିର ଏପରି ଅବସ୍ଥାକୁ ଦେଖି ଦୁଃଖ ପ୍ରକାଶ କରିଥିଲେ । ଖଣ୍ଡପଡ଼ା ଏନଏସି ପକ୍ଷରୁ ମଧୁବନ ମିନିଷ୍ଟାଡିୟମର ବିକାଶ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇଥିଲେ ମଧ୍ୟ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ପ୍ରତି ଦୃଷ୍ଟି ନ ଦେବା ବିଡମ୍ବନାର ବିଷୟ ବୋଲି ସାଧାରଣରେ ଆଲୋଚନା ହେଉଛି ।

# ୭ ୱାଣ୍ଡର ସ୍ମାର୍ଟ ପାର୍କ ଉଦ୍‌ଘାଟନକଲେ ମନ୍ତ୍ରୀ

ଛତ୍ରପୁର,୨।୧୦(ସନ୍ତୋଷ ପାଢ଼ୀ/ଦିଲିପ ସାମଲ )

ଗାନ୍ଧୀ ଜୟନ୍ତୀରେ ଛତ୍ରପୁରରେ ଦୁଇ ମନ୍ତ୍ରୀ ଓ ଏମ୍‌ପି ଏନଏସି ପକ୍ଷରୁ ନିର୍ମିତ ୩ଟି ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ଛତ୍ରପୁର ଏନଏସିର ୱାର୍ଡ ନଂ. ୧୪ର ନୂଆ ପୋଲିସ ଲାଇନରେ ୭ ୱାଣ୍ଡର ସ୍ମାର୍ଟ ପାର୍କକୁ ଗୃହ, ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଓ ବାଣିଜ୍ୟ ,ସଡକ ପରିବହନ ଓ ଇସ୍ପାତ ଏବଂ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଉଦ୍‌ଘାଟନ କରିଥିଲେ। ଏହି ପାର୍କ ୧.୮ ଏକର ଜାଗାରେ ୩କୋଟିରୁ ଉର୍ଦ୍ଧ୍ୱ ଅର୍ଥ ବ୍ୟୟରେ ଏହି ପାର୍କ ନିର୍ମାଣ ହୋଇଛି। ଏଥିସହ ୭ ଲକ୍ଷ ଟଙ୍କା ବ୍ୟୟରେ ମେଜର ଧ୍ୟାନଚାନ୍ଦଙ୍କ ପ୍ରତିମୂର୍ତ୍ତି ଓ ୬୫ ଲକ୍ଷ ଟଙ୍କା ବ୍ୟୟରେ ପରିବା ମାର୍କେଟର ମଧ ଉଦ୍‌ଘାଟନ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ଗୃହ, ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଏମ୍‌ପି ଡ.ପ୍ରଦୀପ ପାଣିଗ୍ରାହୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାହାକ, ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଜିଲା ପରିଷଦ ସିଡିଓ ମଧୁମିତା, ଡୁଡା ପିଡି ରବିନ୍ଦ୍ର ପଟେଲ, ଏନଏସି ଅଧ୍ୟକ୍ଷ ଶର୍ମି ପ୍ରଧାନ, ଉପାଧ୍ୟକ୍ଷ ଜି.ପାପା ରାଓ, ଏନଏସି ନିର୍ବାହୀ ଅଧିକାରୀ ୟାସିର ବିଲ୍ଲାଲ ଅହମ୍ମଦ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡାଙ୍କ ସହ ସମସ୍ତ କାଉନସିଲରମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୂଚନାଯୋଗ୍ୟ, ଉଦ୍‌ଘାଟିତ ୭ ୱାଣ୍ଡର ସ୍ମାର୍ଟ ପାର୍କରେ ଷ୍ଟାଚ୍ୟୁ ଅଫ୍ ଲିବର୍ଟି, ତାଜମହଲ, ପିରାମିଡ, ଖ୍ରୀଷ୍ଟଙ୍କ ପ୍ରତିମୂର୍ତ୍ତି, ଗେଟ୍ ୱାଲ ଅଫ୍ ଚାଇନା ଆଦି ରହିବା ସହ ପିଲାଙ୍କ ପାଇଁ ପାର୍କ ଆଦି ରହିଛି ।


ଉଦ୍‌ଘାଟିତ ହୋଇଥିବା ପାର୍କ।

# ନୟାଗଡ଼ରେ ଗାନ୍ଧୀ,ଶାସ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି


ନୟାଗଡ଼ରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଛାତ୍ରମାନେ ମାଲ୍ୟାର୍ପଣ କରୁଛନ୍ତି।



ରନ୍ ଫର୍ ଡିଏଭି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଉଛି।

ନୟାଗଡ଼,୨।୧୦(ଲୋକନାଥ ମିଶ୍ର)

ନୟାଗଡ଼ ପଠାଣି ସାମନ୍ତ ଅଡ଼ିଟୋରିୟମ ଠାରେ ଜିଲା ପ୍ରଶାସନ ଏବଂ ପୌର ପରିଷଦର ମିଳିତ ଆନୁକୂଲ୍ୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଏବଂ ସ୍ୱଚ୍ଛତା ଦିବସ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ,ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ,ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀଦତ୍ତ ପଣ୍ଡା, ପୌରାଧକ୍ଷା ନିରୂପମା ଖଟେଇ ଓ ଉପାଧକ୍ଷ ଗୁରୁ ପ୍ରସାଦ ପଣ୍ଡା, ଉପଜିଲାପାଳ କର୍ଣ୍ଣଦେବ ସମାଦାର ,ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି ନୟାଗଡ଼ ହାଉସିଂ ବୋର୍ଡ କଲୋନୀ ନିକଟ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ପରିସରରେ ଗାନ୍ଧୀଜୀଙ୍କ ଜୟନ୍ତୀ ପାଳନ ହୋଇ ଯାଇଛି। ବିଦ୍ୟାଳୟ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଛାତ୍ରୀଛାତ୍ର ଓ ସେବାବ୍ରତୀ ଆଚାର୍ଯ୍ୟାଆଚାର୍ଯ୍ୟମାନେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଆଲୋଚନା ସଭାରେ ଛାତ୍ରୀଛାତ୍ରମାନେ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ବିଷୟରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଶ୍ରୀଧର ସାହୁ ଗାନ୍ଧୀଜୀ ଅହିଂସା ପଥରେ ପଥିକ ହୋଇ ସମାଜକୁ ଦିଗଦର୍ଶନ ଦେଇଥିଲା ବେଳେ ଶାସ୍ତ୍ରୀଜୀ ଶାନ୍ତିପ୍ରିୟ ଥିଲେ ବୋଲି କହିଥିଲେ।

ସେହିଭଳି ନୟାଗଡ଼ ଡ଼ିଏଭି ପବ୍ଲିକ ସ୍କୁଲରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କୁ ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ବକ୍ତବ୍ୟ ରଖିଥିଲେ। ସଭା ପ୍ରାରମ୍ଭରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରାମଧୁନ ଗାନ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ କୁମାର ମିଶ୍ର ପିଲାମାନଙ୍କୁ ମହାତ୍ମା ଗାନ୍ଧୀଙ୍କ ସତ୍ୟ ଓ ଅହିଂସା ଓ ଶାସ୍ତ୍ରୀଜୀଙ୍କ ସରଳତା ଗୁଣକୁ ଆଦର୍ଶ କରି ଜୀବନ ଗଢିବା ପାଇଁ ପରାମର୍ଶ ଦେଇଥିଲେ । ଶିକ୍ଷୟିତ୍ରୀ ସ୍ମରଣିକା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଅତିଥି ପତାକା ଦେଖାଇ ରନ୍ ଫର୍ ଡିଏଭି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।

